# ଲାଞ୍ଚ ନେବା ଅଭିଯୋଗରେ ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସମର ବିଳାସ ବେହେରା ଆଜି ଏକ ଲାଞ୍ଚ ମାମଲାର ବିଚାର କରି ଅଭିଯୁକ୍ତ ଡାକ୍ତର ନିଶିଥ ନିଶାନ୍ତ ମାଲୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡାକ୍ତର ମାଲୁ ନିଜ ବିଭାଗୀୟ କର୍ମଚାରୀଙ୍କ ଟିଏ ଏବଂ ଆରସିଏମ ବିଲ କରିଦେବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

୨୦୨୧ ମସିହାରେ ଫିରିଙ୍ଗିଆ ମେଡିକାଲ ଇନଚାର୍ଜ ଦାୟିତ୍ୱରେ ଥିବା ଡାକ୍ତର ନିଶିଥ ନିଶାନ୍ତ ମାଲୁଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଆଉ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି। ସୂଚନା ଅନୁଯାୟୀ ଗତ ୨୦୨୧ ମସିହା ମାର୍ଚ୍ଚ ୩୧ ତାରିଖରେ ସେ ମାମଲାର ଅଭିଯୋଗକାରୀ ବେଣୁପାଣି ଦିଗାଲଙ୍କ ଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଟଙ୍କା ସହ ଧରା ପଡିଥିଲେ।

ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ଏହି ସଂକ୍ରାନ୍ତରେ ଏକ ମାମଲା ୭/୨୦୨୧ ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। କନ୍ଧମାଳ ଜିଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିଥ ନିଶାନ୍ତ ମାଲୁ ବର୍ତ୍ତମାନ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ମାମଲାକୁ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପିପି ଭି. ଭି ରାମଦାସ ପରିଚାଳନା କରୁଥିଲେ ।

### ଭାଗ୍ୟଦୀପ ପଞ୍ଜିକା ମୁକ୍ତିମଣ୍ଡପରେ ଅନୁମୋଦିତ ନେଇ

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶରେ ଦାବିପତ୍ର

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ତଥା ଆଖପାଖ ଅଂଚଳର ବହୁ ବ୍ରାହ୍ମଣ ପୁରୋହିତ ମାନେ ଏକତ୍ରିତ ହୋଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପୁରୀ ମୁକ୍ତିମଣ୍ଡପ ପଞ୍ଜିକା ଅନୁମୋଦିତ ଓ ସଂଶୋଧିତ ପଣ୍ଡିତସଭା ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶରେ ଭାଗ୍ୟଦୀପ ପଞ୍ଜିକା ନାମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶଥାଉକି ଚଳିତ ୨୦୨୫-୨୬ ମସିହାରେ ପୁରୀ ମୁକ୍ତିମାଣ୍ଡପ ପଣ୍ଡିତ ସଭା ଦ୍ୱାରା ୫ ଟି ପଞ୍ଜିକା କୁ ଅନୁମୋତିତ କରାଯାଇଥିଲା ଓ ସମସ୍ତ ପଞ୍ଜିକାରେ ବିବାହ ଆଦି ଯୋଗ ସମାନ ରହିବ ବୋଲି କୁହାଯାଇଥିଲା । ପରନ୍ତୁ ଭାଗ୍ୟଦୀପ ପଞ୍ଜିକରେ ଭିନ୍ନ ଦେଖିବାକୁ ମିଳିଛି । ଯାହା ପୁରୋହିତ ତଥା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ସମସ୍ତ ପଞ୍ଜିକାରେ ଜୁନ ୦୮ ରେ ବୃହସ୍ପତି ବୃଦ୍ଧ ଓ ଅଶୁଦ୍ଧ କାଳ ବୋଲି ଉଲେଖ ରହିଛି ଓ ବିବାହ ଆଦି ଯୋଗକୁ ମନା କରାଯାଇଛି । କିନ୍ତୁ ଭାଗ୍ୟଦୀପ ପଞ୍ଜିକାରେ ଜୁନ ୦୮ ତାରିଖ ପରେ ଜୁନ ୯, ୧୪, ଓ ୨୩ ତାରିଖରେ ବିବାହ ଯୋଗ ଦିଆଯାଇଛି । ଏଣୁ ଅନ୍ୟ ୪ଟି ପଞ୍ଜିକରେ ଯୋଗ ଦିଆଯାଇ ନଥିବା ବେଳେ ଏହି ପଞ୍ଜିକାରେ କିପରି ଯୋଗ ଦିଆଯାଇଛି ଓ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏହାକୁ କିପରି ସଂଶୋଧିତ ଓ ଅନୁମୋଦିତ ଦେଇଛିଛନ୍ତି । ଏହାର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପଠାଇବାକୁ ପୁରୋହିତ ମାନେ ନିବେଦନ କରିଥିଲେ । ସନ୍ତୋଷ କର, ପ୍ରକାଶ ଚନ୍ଦ୍ର ଦାଶ ଯଜ୍ଞ ରଥ, ନାରାୟଣ ଦାଶ, ବିଶ୍ୱରଂଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେଉଛି ଟିପିଏସ୍ଓଡିଏଲ୍

# ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍ଏସ୍ ସେବା ଆରମ୍ଭ






ବ୍ରହ୍ମପୁର, (ସବ୍ୟୁ): ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟିପି ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ୍) ଦୁଇଟି ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି । ଜିଆଇଏସ୍ ସର୍ଭେ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି ଏବଂ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଭୟ ପଦକ୍ଷେପର ଉଦଘାଟନ କରିଥିଲେ । ଏହା କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ଗ୍ରାହକ ସେବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ସହିତ, ଟିପିଏସଓଡିଏଲ ଭିତ୍ତିଭୂମି ନିରୀକ୍ଷଣକୁ ମଜବୁତ କରିବା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଜିଆଇଏସ୍ ସାମର୍ଥ୍ୟ ସହିତ ସଜ୍ଜିତ ଡ୍ରୋନଗୁଡ଼ିକ ବିଦ୍ୟୁତ ସମ୍ପତ୍ତି ଯେପରିକି ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ସବଷ୍ଟେସନର ଉଚ୍ଚ-ନିର୍ଭୁଲତା ସର୍ଭେକୁ ସହଜ କରିବ । ଏହା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବେଶ ସହାୟକ ହେବ । ଉପରୁ ନିରୀକ୍ଷଣ, ଥର୍ମାଲ ହଟସ୍ପଟ ଏବଂ ସମ୍ଭାବ୍ୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହା ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ । ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ସମୟରେ, ଡ୍ରୋନଗୁଡ଼ିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାଙ୍କନ ପାଇଁ ରିଅଲ-ଟାଇମ ସର୍ଭେ ପ୍ରଦାନ କରିବ । କର୍ମଚାରୀଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରାଥମିକତା ଏବଂ ଡ୍ରୋନ-ଆଧାରିତ ନିରୀକ୍ଷଣ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ବୃଦ୍ଧି କରିବ । ଏହା ସହିତ, ୭-୮ କିଲୋମିଟର ବ୍ୟାପ୍ତି ବିଶିଷ୍ଟ ଡ୍ରୋନଗୁଡ଼ିକ ପ୍ରତିରୋଧୀ ଅଞ୍ଚଳରେ ବିଦ୍ୟୁତ ଚୋରିକୁ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । ଯାହା ଟିପିଏସ୍ଓଡିଏଲର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ । ସେହିପରି ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରି, ଟିପିଏସଓଡିଏଲ ଏଡିଏମଏସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି ।

ଏହା ଏକ ସ୍ମାର୍ଟ ସିଷ୍ଟମ ଯାହା ବିଦ୍ୟୁତ ଯୋଗାଣ ପରିଚାଳନା ଏବଂ ଗ୍ରାହକ ସେବାକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଛି । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ପ୍ରାରମ୍ଭିକ ଭାବେ ଏହା ଆରମ୍ଭ ହୋଇଛି । ବିଦ୍ୟୁତ ଯୋଗାଣ ବାଧାକୁ କମ କରିବା, ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଏବଂ କ୍ଷେତ୍ରୀୟ କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଦକ୍ଷତା ଉନ୍ନତି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ସିଷ୍ଟମ ବିଦ୍ୟୁତ ଯୋଗାଣ ସମ୍ପର୍କିତ ଏବଂ ଗ୍ରାହକ ଅଭିଯୋଗର ତୁରନ୍ତ ପ୍ରତିକ୍ରିୟା ସକ୍ଷମ କରିବ ଏବଂ ସେ ସମ୍ପର୍କରେ ସକ୍ରିୟ ଯୋଗାଯୋଗକୁ ସହଜ କରିବ । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ସଫଳ କାର୍ଯ୍ୟକ୍ଷମ ପରେ ପର୍ଯ୍ୟାୟକ୍ରମେ ଏହା ବିଭିନ୍ନ ସ୍ଥାନରେ ଲାଗୁ ହେବ । ଏହା ଲୋଡ ପୂର୍ବାନୁମାନ ଏବଂ ଅନ୍ୟାନ୍ୟ ଅଟୋମେସନ ଅନ୍ତର୍ଭୁକ୍ତ ହେବ ଏହି ପଦକ୍ଷେପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରି ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ଅଧିକ ନିରନ୍ତର ବିଦ୍ୟୁତ ବଣ୍ଟନ ନେଟୱାର୍କ ସୃଷ୍ଟି କରିବା ପ୍ରତି ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛି । ଯାହା ଏହାର ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଗୁଣବତ୍ତାଯୁକ୍ତ ସେବା ସୁନିଶ୍ଚିତ କରେ ।

# ବିଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି । ପ୍ରଗତିଶୀଳ ନାଟ୍ୟ ସଂସ୍ଥା ତରଙ୍ଗ ରଙ୍ଗ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାର ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର ମଞ୍ଚାସିନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ କଳାକାରମାନଙ୍କ ମଧ୍ୟରେ ଆଗମୀ ଦିନରେ ନାଟକ ଓ ପରିବେଶ ସୁରକ୍ଷା ବିଷୟକୁ ନେଇ ଏକ ସୁନ୍ଦର ଆଲୋଚନା ହୋଇଥିଲା । ଏଥିରେ ବିଶିଷ୍ଟ ନାଟ୍ୟଶିଳ୍ପି ମନୋଜ ପାଢ଼ୀ ମଞ୍ଚ ଅଭିନେତା ଏମ. ପୃଥିବୀ ରାଜ, ମତଙ୍ଗିନୀ ଗୁରୁ, ମମତା ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଡ଼ୀୟାରୀ ପ୍ରମୁଖ ନିଜ ମତ ଉପସ୍ଥାପନା କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଂଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, ହରିହର ପଟ୍ଟନାୟକ , ଶିବ ପ୍ରଧାନ, ସୁଜିତ୍ ପାଣିଗ୍ରାହୀ, ହର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ଲେଡି ହାମିଲଟନ୍‌ରେ କିଶୋରୀ ଛାତ୍ରୀ ଶିକ୍ଷା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀନାରାଣୀ ପାତ୍ରଙ୍କ ଅଧ୍ୟକ୍ଷତରେ କିଶୋରୀ ଛାତ୍ରୀମାନଙ୍କୁ ସଚେତନ କରିବା ନିମନ୍ତେ 'କିଶୋରୀ ଛାତ୍ରୀ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ୍ ମେଡିକାଲ ସୁପରଭାଇଜର ପ୍ରଦ୍ୟୁତନ ମହାରଣା ଓ ଏଏନ୍ଏମ ତିରୁପତି ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀ ମାନଙ୍କର କିଶୋରୀ ଅବସ୍ଥା ସମୟରେ ଶାରୀରିକ ଓ ମାନସିକ ଅବସ୍ଥାରେ ହେଉଥିବା ପରିବର୍ତ୍ତନ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀନାରାଣୀ ପାତ୍ର କିଶୋରୀ ଅବସ୍ଥାରେ ଶାରିରୀକ ବିକାଶ ନିମନ୍ତେ ଓ ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀମାନଙ୍କର ଭୂମିକା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ବିଜ୍ଞାନ ଶିକ୍ଷୟତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ ଛାତ୍ରୀମାନେ କିପରି ସୋସିଆଲ୍ ମିଡ଼ିଆରୁ ନିଜକୁ ଦୂରରେ ରଖିବେ ସେ ବିଷୟରେ ଉଦବୋଧନ ଦେଇଥିଲେ । ପ୍ରାରମ୍ଭ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟତ୍ରୀ ଧରିତ୍ରୀ ମହାନ୍ତଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କୁ ନେଇ ଯୋଗ ଓ ପ୍ରାଣାୟମ କାର୍ଯ୍ୟକ୍ରମ କରାଯାଇଥିଲା । ପରିଶେଷରେ ପୋଷଣୀୟ ଖାଦ୍ୟ ମେଳା ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନ କମିଟିର ସଭାପତି ଆଶ୍ଚର୍ଯ୍ୟ ସେଜପଡ଼ା ଯୋଗଦେଇ ଖାଦ୍ୟର ଗୁଣବତ୍ତା ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟର ସାହିତ୍ୟ ଶିକ୍ଷୟିତ୍ରୀ ମୋନାଲିସା ମାଶନ୍ତ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଇଂରାଜୀ ଶିକ୍ଷୟତ୍ରୀ ନିକିତା ବଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ମାନସୀ ଉପାଧ୍ୟାୟ, ମେରିନା ଦାସ୍, ନିବେଦିତା ବେହେରା ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସେକ୍ ଫାଇଜାନ୍ ୱାଲ୍ଲା, କୃଷ୍ଣମୋହନ ଗିରି, ସମ୍ବିତ ମହାପାତ୍ର, ବାଦଲ ଦଣ୍ଡ ପାଟ ଓ ମମତା ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଆମ କୁନି ପିଲା ତାଲିମ ଶିବିର

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆରଏମସି କାର୍ଯ୍ୟାଳୟ ନିକଟ କଲ୍ୟାଣମଣ୍ଡପ ଠାରେ ବ୍ଲକର ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଆମ କୁନି ପିଲା ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଏହି ତାଲିମ ଶିବିରରେ ଛୋଟଛୋଟ ଶିଶୁ ବିଶେଷକରି ଜିରୋ ମାସରୁ ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ କିଭଳି କାର୍ଯ୍ୟ କରାଯିବ ଓ ଅଙ୍ଗନବାଡି କର୍ମୀମାନଙ୍କ କଣ ଭୁମିକା ରହିବ ସେନେଇ ଉପସ୍ଥିତ କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ସିଡିପିଓ ମିଲିମା କୁମାରୀ ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଉପଖଣ୍ଡ ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଙ୍ଗନବାଡି କର୍ମୀଙ୍କ କର୍ତ୍ତବ୍ୟ ବାବଦରେ କହିଥିଲେ । ବ୍ରହ୍ମପୁର ୱାନଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନ କେନ୍ଦ୍ରର ମହେଶ୍ୱେତା ପାଢ଼ୀ, ସୌଦାମିନୀ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଙ୍ଗନବାଡି କର୍ମୀଙ୍କୁ ଏ ବାବଦରେ ତାଲିମ ଦେଇଥିଲେ । ଏହା ସହ ବଳାତ୍କାର, ଅପହରଣ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡନ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ସାଇବର କ୍ରାଇମ, ଯୌତୁକ ନିର୍ଯାତନା ଓ ମୃତ୍ୟୁ ସମେତ ଅନ୍ୟାନ୍ୟ ହିଂସାର ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଏବଂ ଡାକ୍ତରୀ, ପୋଲିସ ଓ ଆଇନଗତ ଭଳି ଅନ୍ୟ ଯେକୌଣସି ସହାୟତା ବାବଦରେ ପରାମର୍ଶ ଦେଇଥିଲେ । ବ୍ଲକର ସମସ୍ତ ସେକ୍ଟର ସୁପରଭାଇଜର ଉପସ୍ଥିତ ରହି ତାଲିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ରୂପାନ୍ତର ନାଟ୍ୟାନୁଷ୍ଠାନର ବିଶ୍ୱ ନାଟ୍ୟ ଦିବସ

ବାରିପଦା, (ସବ୍ୟୁ) : ମାର୍ଚ୍ଚ ୨୭ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ସ୍ଥାନୀୟ ଭଞ୍ଜପୁର, ହରିହର କଳାମନ୍ଦିର ଠାରେ ବାରିପଦାର ସୁନାମଧନ୍ୟ ନାଟ୍ୟ ସଂସ୍ଥା ରୂପାନ୍ତର ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ରୂପାନ୍ତରର ସଭ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦାସ, ଦୀପକ ପାଣି, ଅଭିମନ୍ୟୁ ମହାନ୍ତି, କାହ୍ନୁଚରଣ ବଣା, ସପନ ପଣ୍ଡା, ବିଶ୍ୱମ୍ଭର ସିଂହ, ଦିନେଶ ସାହୁ, ଅପୂର୍ବା ସାହୁ, ମଦନ ଜେନା, ମୁନା ଗୁପ୍ତା, ରବୀନ୍ଦ୍ର ବେହେରା, ନାରାୟଣ ମଣ୍ଡଳ ଏବଂ ଶୁଭେନ୍ଦୁ ସାହୁ ପ୍ରଭୃତି ଯୋଗଦେବା ସହିତେ ସାଂପ୍ରତିକ ସମାଜରେ ମଞ୍ଚ ନାଟକର ସ୍ଥିତି ତଥା ଆଗାମୀ ଦିନରେ ମଞ୍ଚ ନାଟକ କିପରି ଦର୍ଶକ ମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇ ପାରିବ ସେ ସଂପର୍କରେ ଆଲୋଚନା କରଯାଇଥିଲା । ଆସନ୍ତା ଏପ୍ରିଲ ୨୭ତାରିଖ ଦିନ ବାରିପଦା ଶହୀଦ୍ ଭବନ ଠାରେ ଅନୁଷ୍ଠାନ ଦ୍ୱାରା ବସନ୍ତ ଉତ୍ସବର ଆୟୋଜନ କରାଯାଇ ଅପଦାର୍ଥ ନାମକ ଏକ ନାଟକ ପରିବେଷଣ କରାଯିବ । ଉକ୍ତ ନାଟକକୁ ରଚନା କରିଛନ୍ତି ପ୍ରଖ୍ୟାତ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଏବଂ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ପରେଶ ସାହୁ । ଏହି ନାଟ୍ୟ ଦିବସ ପାଳନ ଅବସରରେ ପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତେ ତାଙ୍କର ବିଭିନ୍ନ ସାହିତ୍ୟିକ ତଥା ସାଂସ୍କୃତିକ କୃତି ସଂପର୍କରେ ସ୍ମୃତି ଚାରଣ କରଯାଇଥିଲା ଏବଂ ସଂଗ୍ରାମ କେଶରୀ ସ୍ମୃତି ସମ୍ମାନ ନାମରେ ଏକ ପୁରସ୍କାର ମଧ ଘୋଷଣା କରାଯାଇଥିଲା । ଏହି ପୁରସ୍କାର ଆଗାମୀ ଦିନରେ ପ୍ରତ୍ୟେକ ବର୍ଷ ରୂପାନ୍ତର ଦ୍ୱାରା ଆୟୋଜିତ ବସନ୍ତ ଉତ୍ସବରେ ଓଡିଶାର ମଞ୍ଚ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ଜଣେ ବିଶିଷ୍ଟ କଳାକାରଙ୍କୁ ପ୍ରଦାନ କରାଯିବ । ଚଳିତ ବର୍ଷ ୨୦୨୫ମସିହା ପାଇଁ ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଉପାଧକ୍ଷା ଡଃ ଦମୟନ୍ତୀ ବେଶ୍ରା ଏବଂ ଅଧକ୍ଷ ବିରେନ୍ଦ୍ରନାଥ ସାହୁ ଜଣାଇଛନ୍ତି ।

# ଜାତୀୟ ବରିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ତିନି ଖେଳାଳି

ବ୍ରହ୍ମପୁର, (ସବ୍ୟୁ): ଆସନ୍ତା ୩୦ ଠାରୁ ୩ ଏପ୍ରିଲ ଯାଇଁ ଉତ୍ତରପ୍ରଦେଶର ହାତରସ ଠାରେ ହେବାକୁଥିବା ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଓଡିଶା ଦଳ ଯାତ୍ରା କରିଛି । ଏହି ଦଳର ଜି.ଜ୍ୟୋତି ପାତ୍ର, ବର୍ଷା ରାଣୀ ସେଠି ଓ ବର୍ଷା ରାଣୀ ବେହେରା ଦଳ ସହ ଯାତ୍ରା କିରିଛନ୍ତି । ଗତ ଡ଼ିସେମ୍ବରରେ କେନ୍ଦୁର ଠାରେ ହୋଇଥିବା ଆନ୍ତ ଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଗଞ୍ଜାମ ଦଳ ଉନ୍ନତ ଖେଳ ଖେଳି ମାତ୍ର ଗୋଟେ ଗୋଲରେ ଯାଜପୁର ଠୁ ହାରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ତିନି ଖେଳାଳୀ ଉନ୍ନତ ଖେଳ ପ୍ରଦର୍ଶନ କରି ଥିବାରୁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଓଡ଼ିଶା ଦଳର କୋଚ ରୂପେ ବ୍ରହ୍ମପୁରର ରାମାଶିଷ ଜେନା ଦଳ ସହ ଯାତ୍ରା କରିବେ । ଏହି ଖେଳାଳି ମାନେ ପ୍ରତିଦିନ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡରେ ଜାତୀୟ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ ନେଉଛନ୍ତି । ଖେଳାଳୀ ଙ୍କ ଏହି ସୋଫାଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଗଠନର କାର୍ଯ୍ୟକରି ସଭାପତି ଅଶୋକ କୁମାର ଶୁକ୍ଳ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତି ଧର ରାଜଗୁରୁ, କଷଧକ୍ଷ ଡ଼. ମୋନଜ କୁମାର ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତ ଶୁଭେଚ୍ଛା ଜଣାଇଛନ୍ତି ।

## ବଟି ମାଗିବା ମାମଲା: ବିଜେପି ସମର୍ଥିତ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଠାରୁ ଆରମ୍ଭ କରି ରାଜ୍ୟର ବଡ଼ବଡ଼ ନେତା ମନ୍ତ୍ରୀ ବିଶେଷ ଭାବରେ ରାଜ୍ୟ ସଂଗଠନ ମନ୍ତ୍ରୀଙ୍କ ଏକାନ୍ତ ଘନିଷ୍ଠ ବୋଲି ପରିଚୟ ସୃଷ୍ଟି କରିଥିବା ଚିକିଟି ଅଞ୍ଚଳର ଶଙ୍କର ନାମକ ଯୁବକ ଥାନା ଠାରୁ ଆରମ୍ଭ କରି ବ୍ଲକ, ତହସିଲ, ବିଭିନ୍ନ ମିଲ ମାଲିକ ଏବଂ ବିଭିନ୍ନ ବ୍ୟବସାୟୀ ମାନଙ୍କ ଠାରୁ ଜୋର ଜବରଦସ୍ତ ବଟି ମାଗୁଥିବା ଲମ୍ବା ଅଭିଯୋଗ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ନାମରେ ବଟି ମାଗି ମାମଲା ରୁଜୁ ପରେ ଫେରାର ଥିବାବେଳେ ଆଜି ନୂଆଁଗାଁ ପୋଲିସ ଦ୍ୱାରା ଗରଫ ହୋଇ କୋର୍ଟ ଫରୱାର୍ଡ ହୋଇଥିବା ଜଣାପଡିଛି ।

## ବେକରେ ରାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ନିକଟସ୍ଥ ଚଞ୍ଚରା ପଲି ଗାଁ ଉପର ମୁଣ୍ଡରେ ଥିବା କାଜୁ ତୋଟାରେ ବାହାରପୁର ଗ୍ରାମର କୃଷ୍ଣ ନାଇକ ନାମକ ୪୦ ବର୍ଷ ବୟସ୍କ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ ସୃଷ୍ଟି ହୋଇଛି। ଗତ କିଛି ଦିନ ପୂର୍ବରୁ କୃଷ୍ଣ ଘରୁ ନିଖୋଜ ଥିବାରୁ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇପାରି ନଥିଲେ । ଆଜି କାଜୁ ତୋଟରୁ ଦୁର୍ଗନ୍ଧ ବାହାରିବା ପରେ ଏହି ଘଟଣା ଜଣାପଡିଥିଲା । ଏ ସମ୍ପର୍କରେ ଧରାକୋଟ ଥାନା ରେ ୧/୨୦୨୫ ପ୍ରକାରେ ମାମଲା ରୁଜୁ କରାଯାଇ ଶବକୁ ଜବତ କରାଯାଇଛି ଓ ଅନୁସନ୍ଧାନ ଜାରୀ ରହିଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି। ଏପଟେ ଏଟା ଭାଟିରେ ଭାଟି ମିସ୍ତ୍ରୀ ଭାବେ କାମ କରୁଥିବା ସୂଚନା ମିଳିଛି । ଅନ୍ୟପଟେ ବେଆଇନ ଇଟା ଭାଟିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଦଶଦିନ ବିତି ଯାଇଥିଲେ ସୁଦ୍ଧା ଘରଲୋକ କିମ୍ବା ଭାଟି ମାଲିକ ପୋଲିସ ଥାନା ନିଖୋଜ କେଶ କାହିଁକି କରି ନଥିଲେ ଏହାର ପ୍ରଶ୍ନ ବାଚୀ ସୃଷ୍ଟି କରୁଥିବା ବେଳେ ଧରାକୋଟ ପୋଲିସ ଶବ ବ୍ୟବଛେଦ ପରେ ପ୍ରକୃତ ଖବର ସାମ୍ନାକୁ ଆସିବ ବୋଲି ସୂଚନା ଦେଇଛି ।

## ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ବ୍ଲକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆସିଡିଏସ୍ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବିକାଶ ଓ ପୁନଃସ୍ମୃତି ପାଠ୍ୟକ୍ରମ ଶିବିର ଆଜି ଉଦଯାପିତ ହୋଇଯାଇଛି। ଉକ୍ତ ଦ୍ୱି ଦିବସୀୟ ତାଲିମ ଶିବିରରେ ବୁଗୁଡା ଏନ୍ଏସି ସାଙ୍ଗକୁ ବ୍ଲକର ପ୍ରତି ପଞ୍ଚାୟତରୁ ଜଣେ ଲେଖାଏଁ ହିସାବରେ ମୋଟ ୨୫ ଜଣ ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରଶିକ୍ଷିକା ଭାବେ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି, କୁସୁମ ପଣ୍ଡା, ଲିଲି ସାବତ ଓ ଜାନକୀ ଦେବୀ ପ୍ରମୁଖ ଯୋଗଦେଇ କିଶୋର, କିଶୋରୀଙ୍କ ସଶକ୍ତିକରଣ ମାର୍ଗ ସମ୍ପର୍କେ ଅଙ୍ଗନୱାଡି କର୍ମୀଙ୍କୁ ବିଭିନ୍ନ ଦୃଷ୍ଟାନ୍ତମୂଳକ ତଥ୍ୟ ଉପସ୍ଥାପନ ପୂର୍ବକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ମାସ ଅନୁକ୍ରମ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

# ଆକ୍ରମଣ ସହ ଅସଦାଚାରଣ, ଯୁବକଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ)ଢ: ଜଣେ ଦୋକାନୀଙ୍କୁ ଆକ୍ରମଣ କରିବା ଓ ତାଙ୍କ ସ୍ତ୍ରୀ'ଙ୍କୁ ଟଣା ଓଟରା ହୋଇଥିଲା। ଅଭିଯୋଗ ପରେ ଗୋଷାଣୀନୂଆଗାଁ ଥାନା ପୋଲିସ ଜଣେ ଯୁବକକୁ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ଲାଠୀ ଗ୍ରାମର ରାଜେନ୍ଦ୍ର କୁମାର ସାହୁ(୩୮)। ମାମଲା ନଂ ୧୧୪/୨୫ରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ନୀଳକଣ୍ଠ ନଗର ପାର୍କ ସାହିର ଜଣେ ମହିଳା(୪୨) ସ୍ଥାନୀୟ ଅନ୍ଧପସରା ରୋଡ଼ ସ୍ଥିତ ଏକ ଆପାଟମେଣ୍ଟ ନିକଟରେ ଫ୍ଲାଇବୋର୍ଡ଼ ଦୋକାନ ରହିଛି । ଗୁରୁବାର ସନ୍ଧ୍ୟାରେ ରାଜେନ୍ଦ୍ର ଉକ୍ତ ଦୋକାନରେ ପହଞ୍ଚି ଦୋକାନ ମାଲିକଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଦୋକାନ ଭିତରେ ଥିବା ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିଥିଲେ। ତାଙ୍କୁ ସର୍ବସାଧାରଣରେ ଅସଦାଚାରଣ କରିଥିଲେ। ଏଣୁ ଉକ୍ତ ଯୁବକ ଜଣକ ଉକ୍ତ ମହିଳାଙ୍କୁ ସେଠାରେ ଟଣାଓଟରା କରିବା ସହ ତାଙ୍କୁ ସର୍ବ ସାଧାରଣରେ ଅସଦାଚାରଣ କରିଥିଲେ। ଫଳରେ ତାଙ୍କର ମର୍ଯ୍ୟାଦାହାନି ହୋଇଥିଲା। ପରେ ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ପୋଚାଲୁଣ୍ଡି ଓ ଭାମଶ୍ୟାଳିରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ



ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଏବଂ ଭାମଶ୍ୟାଳି ଗ୍ରାମରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି । ଯାତ୍ରାର ପ୍ରଥମ ଦିନରେ ଦଣ୍ଡ ଉଠୁଥିବା କାଳୀ ମନ୍ଦିର ଗୁଡିକରେ ପାରମ୍ପରିକ ରୀତିନୀତି ପ୍ରକାରେ ସମସ୍ତ କାର୍ଯ୍ୟ ପ୍ରାତଃ କାଳରୁ ଆରମ୍ଭ ହୋଇଥିଲା। ଗ୍ରାମରେ ଥିବା ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ପଇତାପକା, ଅପରାହ୍ନରେ ଦାଣ୍ଡ ଭ୍ରମଣ, ଧୂଳି ଦଣ୍ଡ, ପାଣିଦଣ୍ଡ ଓ ସନ୍ଧ୍ୟା ସମୟରେ ଆଳତି ସହ ରାତିରେ ଦଣ୍ଡୁଆମାନଙ୍କ ଅନ୍ନ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା।

ଚଳିତ ବର୍ଷ ପାଟଭୋକ୍ତା ସୁରିଆ ସାହୁ ଓ ପୂଜାରୀ ଅରକ୍ଷିତ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଚାଲୁଣ୍ଡି ଦଣ୍ଡଯାତ୍ରା ଏବଂ ପାଟଭୋକ୍ତା ଭଗବାନ ଗୌଡ ଓ ପୂଜାରୀ ବାଦଲ ଗୌଡଙ୍କ ତତ୍ତ୍ୱାବଧାନରେ ଭାମଶ୍ୟାଳି ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଛି । ଦଣ୍ଡଯାତ୍ରା କାଳରେ ଉଭୟ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବେଳେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପା ଭିକ୍ଷା କରିଥିଲେ । ଏବର୍ଷ ପୋଚାଲୁଣ୍ଡି ଦଣ୍ଡଯାତ୍ରା ପରିଚାଳକ ଚିନ୍ତାମଣି ବିଷୋୟୀଙ୍କ ତତ୍ତ୍ୱାବଧାନରେ ସାମାଜିକ ନାଟକ କହିବାକୁ ଲାଜ ଶୁଣିଲେ ପାପ ଏବଂ ଭାମଶ୍ୟାଳି ଦଣ୍ଡଯାତ୍ରା କମିଟି ସଭାପତି ସୁନୀଲ କୁମାର ପାଢି, ସମ୍ପାଦକ ମୁରଲୀଧର ସାମଲ ଓ ପରିଚାଳକ ନାରାୟଣ ପଲେଇଙ୍କ ତତ୍ତ୍ୱାବଧାନରେ ନାଟକ ହାଏ କୃଷ୍ଣ ବୋଲି ଯାଉ ଜୀବ ମଞ୍ଚସ୍ଥ ହେଉଛି । ଉଭୟ ଗ୍ରାମରେ ଦଣ୍ଡଯାତ୍ରା ପରିଚାଳନାରେ ଗ୍ରାମବାସୀଙ୍କ ସହଯୋଗ ଦେଖିବାକୁ ମିଳିଥିଲା ।

## ଡିସିଡିସି ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ପାଳନକୁ ନେଇ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମହାତ୍ମାଗାନ୍ଧି ସମ୍ମିଳନୀ କକ୍ଷରେ ଜିଲ୍ଲା ସମବାୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସିଡିଓ ଏବଂ ଇଓ ଜିଲ୍ଲା ପରିଷଦ ମୟୂରଭଞ୍ଜ, ଡିଆରସିଏସ୍ ମୟୂରଭଞ୍ଜ, ସିଡିଏଓ ମୟୂରଭଞ୍ଜର ପ୍ରତିନିଧି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୟୂରଭଞ୍ଜର ପ୍ରତିନିଧି, ସିଇଓ ଏମସିସିବି ଲିମିଟେଡ୍ ବାରିପଦା, ଡିଆପିଆରଓ ମୟୂରଭଞ୍ଜ, ସିସିଏସଓ ମୟୂରଭଞ୍ଜର ପ୍ରତିନିଧି, ବରିଷ୍ଠ ଏଆର୍ସିଏସ୍ କପ୍ତିପଦା ଏବଂ ଏଆରସିଏସ୍ ବାରିପଦା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, ଯୁଗ୍ମ ନିବନ୍ଧକ ସମବାୟ ସମିତି ସମୂହ, ମୟୂରଭଞ୍ଜ ଖଣ୍ଡ, ବାରିପଦା କମିଟିର ସଦସ୍ୟ ମାନଙ୍କୁ ବୈଠକର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ । ୨୦୨୫ ମସିହାକୁ ଆନ୍ତର୍ଜାତୀୟ ସମବାୟ ବର୍ଷ ହିସାବରେ ପାଳନ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ମାର୍ଚ୍ଚ, ଏପ୍ରିଲ ଓ ମେ ମାସ ପାଇଁ ସମିତି ତଥା ଜିଲ୍ଲାସ୍ତରରେ ସମବାୟ ବିଭାଗ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଠିକ ସମୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଗଲା ।

ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ନୋଡାଲ ଅଫିସର ହିସାବରେ ରହିବାର ସିଦ୍ଧାନ୍ତ ଗ୍ରହଣ କରାଗଲା ଏବଂ ସେମାନେ ଉପନିବନ୍ଧକ ସମବାୟ ସମିତି ସମୂହ, ମୟୂରଭଞ୍ଜ ଖଣ୍ଡ, ବାରିପଦାଙ୍କୁ ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ର ବିଭିନ୍ନ କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିବେ ଓ ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ ଓ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ମହୋଦୟ ଆଇଇସି ଏକ୍ଟିଭିଟି ଉପରେ ଗୁରୁତ୍ୱଓରୋପ କରିଥିଲେ ଓ ଆସନ୍ତା ୩୦ତାରିଖରେ ଶହୀଦ ସ୍ମୃତି ଭବନଠାରେ ଚାଷୀ ଏବଂ ସମବାୟ ଓ ଅନ୍ୟ ବିଭାଗର କର୍ମଚାରୀ, ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କନ୍‌ଫାରେନ୍ସ ଏବଂ ଏପ୍ରିଲ ୧ତାରିଖରେ ସମବାୟ ବିଭାଗ କାର୍ଯ୍ୟାଳୟ ମୁର୍ଗାବାଡି ଠାରେ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି ।

# ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ବ୍ରହ୍ମପୁର, (ସବ୍ୟୁ): ଚଳିତ ବର୍ଷ ଓଡ଼ିଶା ଦିବସ ପାଳନ ନିମନ୍ତେ ବ୍ରହ୍ମପୁର ଉପଖଣ୍ଡ ସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ ୯ ଉଚ୍ଚ ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତାରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ (ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ), ଅଙ୍କିତା ସାହୁ (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ଓ ଆଦ୍ୟାଶା ପ୍ରିୟଦର୍ଶିନୀ (ଡି ଏ ଭି ପବ୍ଲିକ ସ୍କୁଲ)ତୃତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଅନୁଷ୍କା ରାଉତ (ସେଣ୍ଟ ଜାଭିୟର ହାଇ ସ୍କୁଲ)ପ୍ରଥମ, ଅମ୍ରିତା ପଟ୍ଟନାୟକ (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗର) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ବର୍ଗରେ ବକ୍ତୃତା ପ୍ରତିଯୋଗିତା ରେ ଆଲିସା ପାଢ଼ୀ (ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର)ପ୍ରଥମ, ପାୟଲ ପ୍ରିୟା ପାତ୍ର (ମହାମାୟୀ ମହିଳା ମହାବିଦ୍ୟାଳୟ) ଦ୍ୱିତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଏସ ମନିଷା ରାଣୀ ପାତ୍ର (ମହାମୟୀ ମହିଳା ମହାବିଦ୍ୟାଳୟ)ପ୍ରଥମ, ପ୍ରଗତି କିରଣ ବେହେରା (ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର) ଦ୍ୱିତୀୟ ହୋଇଛନ୍ତି ।

ଏହି କୃତି ଛାତ୍ରଛାତ୍ରୀଙ୍କୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଏପ୍ରିଲ ୧ ତାରିଖରେ ହେବାକୁ ଥିବା ପୂର୍ବାହ୍ନ ୧୦ ଘଣ୍ଟାରେ ଓଡିଶା ଦିବସ ସମାରୋହରେ ପୁରସ୍କୃତ କରାଯିବା। ତିନୋଟି ଉପଖଣ୍ଡରେ ହୋଇଥିବା ଉଚ୍ଚ ବିଦ୍ୟାଳୟ ସ୍ତରର ବକ୍ତୃତା ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେହି ପ୍ରତିଯୋଗୀଙ୍କ ମଧ୍ୟରେ ପୁନର୍ବାର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଚନ୍ଦ୍ର ଶେଖର ଶତପଥୀଙ୍କୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରେରଣ କରାଯିବ। ସମସ୍ତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଲୋକନାଥ ଶତପଥୀ, ରବୀନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା

# ବୃଦ୍ଧଙ୍କୁ ୭ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସ୍ଥିତ ସହକାରୀ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଟ୍ରାକ କୋର୍ଟର ଜଜ୍ ସୌଦାମିନୀ ସିଂ ଆଜକୁ ୧୮ ବର୍ଷ ତଳେ ଗଞ୍ଜାମ ଜିଲା ଜରଡା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟ ଭିନ୍ନକ୍ଷମ ନାବାଳିକାକୁ ହୋଇଥିବା ବଳାତ୍କାର ମାମଲାର ବିଚରଣ କରି ଜଣେ ୮୭ ବର୍ଷୀୟ ବୃଦ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଜରଡା ଥାନା ଅଞ୍ଚଳର ସାହେବ ବାଡାତ୍ୟା(୮୭)। ତାଙ୍କୁ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫୦୦୦ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି। ୨୦୦୮ ଫେବୃଆରୀ ୨୩ ତାରିଖରେ ମୁକ ବଧିର ଏହି ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ସାହେବ ନାବାଳିକାଙ୍କୁ ଜଣେ ବ୍ୟକ୍ତିଙ୍କ ଘରକୁ ନେଇ ସେଠାରେ ବଳାତ୍କାର କରିଥିଲେ । ଏପରିକି ବଳାତ୍କାରର ଶିକାର ହେବାପରେ ନାବାଳିକା ଜଣଙ୍କ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଘଟଣାକୁ ନେଇ ଗାଁ କମିଟି ବୈଠକ ବସିଥିଲା । ସେଠାରେ ଅଭିଯୁକ୍ତ ନିଜ ଦୋଷ ସ୍ୱିକାର କରିବା ସହ କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ । ହେଲେ ପରବର୍ତ୍ତୀ ସମୟରେ ନାବାଳିକାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ । ଏହାପରେ ନାବାଳିକାଙ୍କ ମାଆ ଜରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ବଳାତ୍କାର ଓ ଧମକ ଦଫାରେ ଏକ ମାମଲା(୨୨/୦୮) ରୁଜୁ କରିବା ସହ ଅଭିଯୁକ୍ତ ସାହେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ମାସ ପରେ ସେ ଜାମିନରେ ମୁକୁଳିଥିଲେ । ତଦନ୍ତ ଅଧିକାରୀ ରାମକୃଷ୍ଣ ପାଢୀ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣ ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ସୌଦାମିନୀ ସିଂ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ସାହେବ କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ଏପିପି ଆରତୀ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

## ମଦ୍ୟପ କନେଷ୍ଟବଲଙ୍କ ଉନ୍ମତ୍ତକାଣ୍ଡ

# ଠେଲା ଗାଡିକୁ ଧକ୍କା ଦେଇ ଘରେ ପଶିଲା କାର



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଦେଉଳସାହି ଜୁବୁଲି ଟାଉନ ନିକଟରେ ଜଣେ ମଦ୍ୟପ ପୋଲିସ କନେଷ୍ଟବଲ ପ୍ରଚୁର ମଦ୍ୟପାନ କରି କାର ଚଳାଉଥିବାବେଳେ ଏକ ଠେଲାଗାଡିକୁ ଧକ୍କାଦେଇ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ କାରଟି ପଶିଯାଇଥିଲା। ଏହି ଦୁର୍ଘଟଣାରେ ଅଳ୍ପକେ ଠେଲାଗାଡିର ମାଲିକ ଏବଂ ଘର ଲୋକ ବର୍ତ୍ତି ଯାଇଥିବା ବେଳେ ସ୍ଥାନୀୟ ଲୋକ ପୋଲିସକୁ ଧରି ଟାଉନ ଥାନାକୁ ହସ୍ତାନ୍ତର କରିଥିବାର ଜଣାପଡିଛି।ଢେଙ୍କାନାଳ ରିଜର୍ଭ ପୋଲିସରେ କାର୍ଯ୍ୟକରୁଥିବା ପୋଲିସ କନେଷ୍ଟବଳ ଇଶ୍ୱର ରଞ୍ଜନ ତରାଇ(୩୨) ନିଜ ପୋଲିସ ପୋଷାକରେ ଥାଇ ସହଯୋଗୀଙ୍କ ସହିତ ଏକ କାର ନଂ ଓଡି୦୫ବିୱାଇ୯୪୩୪ ଚଳାଉଥିଲେ। ଦିନ ପ୍ରାୟ ସାଢେ ୩ଟା ସମୟରେ କାରଟି ଜୁବୁଲିଟାଉନ ଦେଇ ଯାଉଥିବା ବେଳେ କନେଷ୍ଟବଳ ପଚୁର ମଦ୍ୟପାନ କରିଥିବାରୁ ସେ ଭାରସାମ୍ୟ ହରାଇ ଦେଉଳସାହିର ରାସ୍ତାରେ ପାର୍ଶ୍ୱରେ ଠେଲାରେ ଜଳଖିଆ ବିକ୍ରୀ କରୁଥିବା ଠେଲାଗାଡିକୁ ଧକ୍କା ଦେଇଥିଲା।ଠେଲାକୁ ଧକ୍କାଦେବା ପରେ ଗାଡିଟି ଦ୍ରୁତ ଗତିରେ ଯାଇ ଜୁବୁଲି ଟାଉନର ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପୋର୍ଟିକକୁ ଜୋରରେ ଧକ୍କାଦେଇଥିଲା। ପ୍ରଚଣ୍ଡ ଶବ୍ଦ ହେବାରୁ ଘର ଲୋକ ବାହାରକୁ ବାହାରି ଆସିବା ସହିତ ବଜାରରେଥିବା ଅନ୍ୟଲୋକ ମାନେ ଘଟଣା ସ୍ଥଳକୁ ଦୌଡି ଯାଇଥିଲେ। କନେଷ୍ଟବଳ ପ୍ରଚୁର ମଦ୍ୟପାନ କରିଥିବାର ବେଳେ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କନେଷ୍ଟବଳକୁ ଥାନାକୁ ନେବା ପରେ ତାଙ୍କର ମଦ୍ୟପାନ କରିବାକୁ ନେଇ ପରୀକ୍ଷା କରାଯାଇଥିଲା। ଏହି ଘଟଣା ପରେସ୍ଥାନୀୟ ଅଞ୍ଚଳରେ ଉତ୍ତେଚନା ଦେଖାଦେଇଥିବା ବେଳେ ଜଣେ ପୋଲିସ କନେଷ୍ଟବଳ ମଦ୍ୟପାନ କରି ଗାଡି ଚଳାଇବା ପାଇଁ ପୋଲିସ ତାଙ୍କ ପ୍ରତି କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା କୁ ନେଇ ଆଲୋଚନା ହେଉଛି।

# ଏଆଇକେକେଏମଏସର ପ୍ରତିବାଦ ସଭା




ଅନୁଗୁଳ ,(ସବ୍ୟୁ) :ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ **ରେ** ସର୍ବ ଭାରତୀୟ ପ୍ରତିବାଦ ଉପଲକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଂଗଠନ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଅନୁଗୋଳ ରାଜା ଛକଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ସ୍ୱାମୀନାଥନ କମିଶନ ସୁପାରିଶକୁ ଲାଗୁ କରି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଇ୨୫୦ %ଲାଗୁ କରିବା, ସମସ୍ତ କୃଷି ଜାତ ଦ୍ରବ୍ୟକୁ ଆଇନ୍ ର ଗ୍ୟାରେଣ୍ଟି ପ୍ରଦାନ କରିବା,ବିଦ୍ୟୁତ ସଂଶୋଧନ ଆଇନ୍ ୨୦୨୨କୁ ବାତିଲ କରିବା, ଘରୋଇ କମ୍ପାନୀ ସ୍ୱାର୍ଥରେ ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ସଂପୂର୍ଣ୍ଣ ବନ୍ଦ କରିବା, କର୍ପୋରେଟ ସ୍ୱାର୍ଥ ରକ୍ଷାକାରୀ ଜାତୀୟ କୃଷି ବଜାର ନିତୀ ବନ୍ଦ କରିବା, ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ଦଶ ହଜାର ଟଙ୍କା ପେନସନ ପ୍ରଦାନ କରିବା ଆଦି ଦାବୀରେ ଜିଲ୍ଲା ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।ପଞ୍ଜାବ ସରକାର ଆନ୍ଦୋଳନରତ ଚାଷୀ ମାନଙ୍କୁ ସିଙ୍ଘୁଓ ଖନୋରୀ ସୀମାରେ ବଳପୂର୍ବକ ଅଟକାଇ, ଲାଠି ଚାଳନା, ଲୁହବୁହା ଗ୍ୟାସ ପ୍ରୟୋଗ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ଚାଷୀ ନେତା ମାନଙ୍କୁ ମିଥ୍ୟା ମକଦ୍ଦମାରେ ଗିରଫକୁ ଦୃଢ଼ ନିନ୍ଦା କରାଯାଇଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାର ଘରୋଇ କମ୍ପାନୀ ଓ କର୍ପୋରେଟ ମାନଙ୍କ ସ୍ୱା**ର୍ଥ**ରେ ଚାଷୀ ମାରଣ ନିତୀ ଆଣୁଛନ୍ତି। ଆମ ଅନୁଗୋଳ ଜିଲ୍ଲାର ଜମି,ଜଳ, ଜଙ୍ଗଲ ଓ ଖଣିଜ ସଂପଦକୁ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କୁ ଟେକି ଦେଇ ଦାଣ୍ଡର ଭିକାରୀ ରେ ପରିଣତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଦାବୀ କରିଥିଲେ । ଅବିଳମ୍ବେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଓ ଜଳ ସେଚନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବାକୁ ସଂଗଠନର ଉପ ସଭାପତି ନବ କିଶୋର ପ୍ରଧାନ, କୁମର ସାହୁ, ସଂପାଦକ ରଣଜିତ ପ୍ରଧାନ, ସଂଜୟ ସାହୁ, ଚାଷୀ ସୁରକ୍ଷା କମିଟିର ସଂପାଦକ ହେମନ୍ତ ଦାସ, ବଳରାମ ନାୟକ, ସୁବାସ ଦେହୁରୀ ପ୍ରମୁଖ ଦାବି କରିଥିଲେ ।

## ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡ଼ିଓ ଟିଟସ ମହନନ୍ଦିଆ, ସମ୍ବଲପୁର ସାଂସଦଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ବିଧାୟକଙ୍କ ପ୍ରତିନିଧି ମହେଶ୍ୱର ଦେହୁରୀ,ଏନ ଏ ସି ଚେୟାରମ୍ୟାନ ଆଶା କୁମାରୀ ସାହୁ, ନିର୍ବା**ହୀ** ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ମଞ୍ଚାସିନ ଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଥମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ପୂର୍ବ ବର୍ଷର ପ୍ରସ୍ତୁତି ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ସକାଳୁ ବନ୍ଦେ ଉତ୍କଳ ଜନନୀ ସହରରେ ଡାକବାଜି ଯନ୍ତ୍ର ଯୋଗେ ପରିବେଷଣ କରାଯିବା ସହିତ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପୂର୍ବାହ୍ନ ୯: ୩୦ ରେ ସାଧାରଣ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛ । ବୈଠକରେ ଆଠମଲ୍ଲିକ ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ମେହେର, ବ୍ଲକ ଶିକ୍ଷା ଅଧିକାରୀ ସୁନିଲ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଜିଲାନ୍ସ ଜାଲରେ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ



ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ତହସିଲ ଅଫିସ କାର୍ଯ୍ୟଳୟର ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ସତ୍ୟପ୍ରିୟ ନାଏକଙ୍କୁ ଶୁକ୍ରବାର ଭିଜିଲାନ୍ସ ଧରିଥିବା ଜଣା ପଡିଛି ।

ବିଭାଗୀୟ ସୂତ୍ର ରୁ ମିଳିଥିବା ସୂଚନା ଅନୁଯାଇ ଅ ଏ ଡ଼ା ସର୍କଲ କେନ୍ଦୁପାଟି ଗ୍ରାମର ଚରଣ ନାଏକଙ୍କ ଜମି ଭାଗବଣ୍ଟା କେଶର ଆଜି ଶୁଣାଣି ତାରିଖ ଥିଲା । ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଶ୍ରୀ ନାଏକ ଓ ଚରଣ ନାଏକ ଶୁଣାଣି ତାରିଖ ଥିବାରୁ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ କୁ ଆସିଥିଲେ । ତହସିଲ କାର୍ଯ୍ୟାଳୟ ରୁ ଆଠମଲ୍ଲିକ ଷ୍ଟେଟ ବ୍ୟାଙ୍କ ଏଟିଏମ ସମ୍ମୁଖରେ ଚରଣ ନାଏକ ଓ ସତ୍ୟପ୍ରିୟ ନାଏକ ଏକାଠି ଥିବା ବେଳେ ଭିଜିଲାନ୍ସ ମାଡି ବସି ୨୦ ହଜାର ଟଙ୍କା ଜବତ କରିଥିଲେ । ତା ପରେ ସମ୍ପୃକ୍ତ କିରାଣୀଙ୍କୁ ସାଙ୍ଗରେ ଧରି ଭିଜିଲାନ୍ସ ବାହାରକୁ ଯାଇଛି ।

# ରକ୍ତତୀର୍ଥ ଇରମ ଶହୀଦ ପୀଠର ବିକାଶ ପାଇଁ ଏକ କୋଟି ମଞ୍ଜୁର

ବାସୁଦେବପୁର,(ସବ୍ୟୁ):ଭାରତ ଛାଡ ଆନ୍ଦୋଳନର ଦ୍ୱିତୀୟ ଜାଲିଓବାନାବାଗ ହତ୍ୟାକାଣ୍ଡ ମୁକସାକ୍ଷୀ ରକ୍ତତୀର୍ଥ ଇରମ ଶହୀଦ ପୀଠର ବିକାଶ ପାଇଁ ରାଜ୍ୟସରକାର ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଦୀର୍ଘ ବର୍ଷ ଧରି ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ ଶହୀଦ ପୀଠ ବିକାଶର ରାସ୍ତା ଅଟକି ଯାଇଥିଲା। ଶହୀଦ ପୀଠ ପର୍ଯ୍ୟଟନ ମାନ୍ୟତା ପାଇଲା। ଆରମ୍ଭ ହେଲା ଶହୀଦ ପୀଠ ବିକାଶର ନକ୍ସା। ପୂର୍ବ ସରକାରଙ୍କ ଉଦ୍ୟମରେ ଶହୀଦ ପୀଠ ବିକାଶ ନକ୍ସା ପ୍ରସ୍ତୁତ କରି ବିକାଶ ଯୋଜନା ମଧ୍ୟରେ ସୀମିତ ନରହି କାମ ଆଗେଇ ଚାଲିଛି। ଐତିହାସିକ ପୀଠର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ବାସୁଦେବପୁର ହୋଟେଲ ପଦ୍ମାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଜିଲ୍ଲା ବିଜେପିର ଉପସଭାପତି ଉଦୟନାରାୟଣ ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା,ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବାସୁଦେବପୁର ବିଜେପି ପକ୍ଷରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅସିତ କୁମାର ଦାଶ,ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ପଣ୍ଡା,ରମାକାନ୍ତ ସେଠୀ,ନିରୋଦ କୁମାର ଦାଶ ଯୋଗଦେଇଥିଲେ।

## ଶାଳିଆପତନୀ ଉଦ୍ଧାର

ନୀଳଗିରି,(ସବ୍ୟୁ) : ନୀଳଗିରି ସହରରୁ ଆଜି ଏକ ଶାଳିଆ ପତନି ଉଦ୍ଧାର କରାଯାଇଛି। ଏନ୍ଏସିର ୫ନଂ ୱାର୍ଡ ଅଧୀନ ପୋଇସାହି ଅଞ୍ଚଳରେ ଥିବା କେନାଲରେ ଏହି ଜୀବଟି ପଶି ଯାଇଥିଲା ଓ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଏକ ଜାଲରେ ଧରି ରଖିଥିଲେ । ପରେ ନୀଳଗିରି ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା ଓ ରେଞ୍ଜ ଅଧିକାରୀ ଆଇସା ଅକ୍ତର ନିଶାଙ୍କ ନିର୍ଦ୍ଦେଶରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ନୀଳଗିରିସ୍ଥିତ କୁଲଡିହା ଅଭୟାରଣ୍ୟରେ ଏହି ଜାତିର ବିରଳ ଜୀବ ଦେଖିବାକୁ ମିଳିଥାଏ। ଖାଦ୍ୟ ଅନ୍ୱେଷଣରେ କୁଲଡିହା ଜଙ୍ଗଲର ଶାଳିଆ ପତନିଟି ଖସି ଆସି ନୀଳଗିରି ସହର ପହଞ୍ଚି ଯାଇଥିବା କୁହାଯାଉଛି।

# ଇଣ୍ଡକସନ ଫର୍ଣ୍ଣେସ ବିସ୍ଫୋରଣ ଘଟଣା

### ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଝାଡବନ୍ଧ ଠାରେ ଥିବା ରୁଙ୍ଗଟା ମାଇନରେ ଏସଏସଏସ ଦୁଇରେ ଥିବା ଇଣ୍ଡକସନ ଫର୍ଣ୍ଣେସ ବ୍ଲାଷ୍ଟ ବିସ୍ଫୋରଣ ଘଟି ୬ ଶ୍ରମିକ ଚିକିତ୍ସିତ ହେଉଥିବା ବେଳେ ପୁଣି ଜଣେ ଶ୍ରମିକର ମୃତ୍ୟୁ ଘଟିଛି।ଫଳରେ ମୃତ୍ୟୁ ସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି। ଗତ ବୁଧବାର ଦିନ ରୁଙ୍ଗଟା ମାଇନସରେ କାରଖାନାର ଏସଏସଏସ ଇଣ୍ଡକସନ ଫର୍ଣ୍ଣେସ ଦୁଇରେ କାର୍ଯ୍ୟ ଚାଲିଥିବା ବେଳେ ହଠାତ ଫର୍ଣ୍ଣେସଟି ବିସ୍ଫୋରଣ ଘଟି ଡିସିପି,ପନେୟା ଏବଂ ଫିଥାରାମ ଆଉଟସୋର୍ସରେ କାମକରୁଥିବା ୬ ଶ୍ରମିକଙ୍କ ଶରୀର ୫୦ ଭାଗ ପୋଡି ଯାଇଥିଲା।ସେମାନଙ୍କ ମଧ୍ରୁ ଜଣେ ନିର୍ବାହୀ ଅଧିକାରୀ ମଧ ଆହତ ହୋଇଥିଲେ।ଏହି ଘଟଣାରେ ଅଶ୍ୱିନୀ ହସପିଟାଲରେ ଚିକିତ୍ସା ଚାଲିଥିବା ବେଳେ ଗତ ୨୫ ତାରିଖ ଦିନ ଚିକିତ୍ସାଧିନ ଅବସ୍ଥାରେ ଭଦ୍ରର ମନୋରଞ୍ଜନ ପରିଡାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଆଜି ପୁଣି ଜଣେ ଶ୍ରମିକର ମୃତ୍ୟୁ ଘଟିଛି। ଚିକିତ୍ସିତ ହେଉଥିବା ଉତ୍ତରପ୍ରଦେଶ ତୁସିନଗରର ଶୁଭମ କୁମାରଙ୍କରାତି ଗୋଟାଏ ସମୟରେ ମୃତ୍ୟୁ ହୋଇଯାଇଛି। ସେ ରୁଙ୍ଗଟା ମାଇନରେ ଠିକାସଂସ୍ଥା ଅନନ୍ୟା ଠିକାସଂସ୍ଥାରେ ଇଲେକଟ୍ରିସିଆନ ଭାବରେ କାର୍ଯ୍ୟ କରୁଥିଲେ। ଏହି ଘଟଣାରେ ଅନ୍ୟ ଶ୍ରମିକ ମାନେ ଚିକିତ୍ସିତ ହେଉଥିବାର ଜଣାପଡିଛି।

## ଟ୍ରକ ଧକ୍କାରେ ୩ ଗାଈ ସହ ୧୮ ମେଣ୍ଢା ମୃତ: ଉତ୍ତେଜନା

ଠାକୁରଗଡ଼ ,(ସବ୍ୟୁ) : କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ରାଣୀଭୁଇଁ ନିକଟରେ ଶୁକ୍ରବାର ଦିନ ଏକ ଟ୍ରକ ଧକ୍କାରେ ରାଣୀଭୁଇଁ ଗ୍ରାମର ସୁରେଶ ସାହୁ ଙ୍କର ୩ ଟି ଗାଈ ସହ ୧୮ ଟି ମେଣ୍ଢାଙ୍କ ର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ରାଣୀଭୁଇଁ ନିକଟରେ ଉତ୍ତେଜନା ଦେଖାଯାଇଥିବା ବେଳେ ପୋଲିସ ଓ ସାଧାରଣ ଲୋକେ ଦୁର୍ଘଟଣା ଘଟେଇଥିବା ଟ୍ରକକୁ ପିଛା କରି ଧରିଥିଲେ ।ପରେ ଦୁର୍ଘଟଣା ଘଟେଇ ଥିବା ଟ୍ରକକୁ ହଣ୍ଡପା ପୋଲିସ ଜବତ କରିଥିବା ବେଳେ ଚାଳକକୁ ଅଟକ ରଖିଛି । ଘଟଣାରୁ ଜଣାପଡିଛି ଯେ ୫୫ ନମ୍ବର ଜାତୀୟ ରାଜପଥ ପାର ହେଉଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ନମ୍ବର ଓଡି ୨୧ ଏଫ ୧୯୯୬ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳ ରେ ହିଁ ୩ଟି ଗାଈ ସହ ୧୮ ମେଣ୍ଢାର ମୃତ୍ୟୁ ହୋଇଥିଲା । ଫଳରେ ଏହି ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିବା ବେଳେ ବେପାରୁଆ ଭାବରେ ଗାଡି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ବେଳେ ଏହି ଦୁର୍ଘଟଣା ରୁ ଅଳ୍ପକେ ଏକ ବାଇକ ଆରୋହି ରକ୍ଷା ପାଇଯାଇଥିବା ଜଣାପଡିଛି ।ଏହି ଦୁର୍ଘଟଣା ପରେ ଟ୍ରକଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ପିଛା କରି ଟ୍ରକକୁ ଧରିଥିଲେ ।

## ଆରପାରିରେ ବରିଷ୍ଠ ଦଣ୍ଡନାଚ ଶିକ୍ଷକ ଚତୁରା ବେହେରା

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ କଣ୍ଡାଳ ପଂଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମର ବରିଷ୍ଠ ଦଣ୍ଡନାଚ ଶିକ୍ଷକ ଚତୁରା ବେହେରା(୭୦) ଆଜି ସମସ୍ତଙ୍କୁ ଛାଡ଼ି ନେଇଛନ୍ତି ବିଦାୟ। ତାଙ୍କର ଏହି ଆରପାରିକୁ ଚାଲିବଯିବା ଘଟଣା ବିଭିନ୍ନ ଦଣ୍ଡୁଆମାନଙ୍କ ମହଲରେ ଏକ ଶୋକର ବାତାବରଣ ଖେଳାଇ ଦେଇଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ୀତ ହୋଇ ବିଛଣାରେ ପଡ଼ି ରହିଥିଲେ। କିନ୍ତୁ ଆଜି ସେ ଆଖି ବୁଜିଥିବା ଘଟଣା ପ୍ରଚାରିତ ହେବା ପରେ ବିଭିନ୍ନ ଦଣ୍ଡନୃତ୍ୟ ମଣ୍ଡଳରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ରହିଗଲା ବୋଲି ଦଣ୍ଡନାଚ ପ୍ରେମୀ ଓ କଳାକାରମାନେ ଏହା ପ୍ରକାଶ କରିଛନ୍ତି। ତାଙ୍କ ଜୀବନକାଳ ମଧରେ ଦୀର୍ଘବର୍ଷ ହେବ ଦଣ୍ଡନାଚ ଅଭିନୟ କରି ଶିକ୍ଷାଦେବା ସହ ପ୍ରତ୍ୟେକ ଗ୍ରାମ ଗୁଡ଼ିକରେ ବିଭିନ୍ନ ପୌରାଣିକ ଆଧାରିତ ବିଷୟବସ୍ତୁ ଉପରେ ନାବକେଳୀ, ଭୂତକେଳୀ, ଲକ୍ଷ୍ମୀ ପୁରାଣ, ଛଦ୍ମବେଶ, କୃଷ୍ଣ ଇତ୍ୟାଦି ଦଣ୍ଡନୃତ୍ୟ ପରିବେଶଣ କରି ବେଶ ସୁନାମ ଅର୍ଜନ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ସହୃଦୟ ବ୍ୟକ୍ତି ଭାବରେ ଅଂଚଳରେ ପରିଚିତ ଥିଲେ। ମୃତ୍ୟୁ ବେଳକୁ ପରିବାର ଲୋକ, ବନ୍ଧୁବାନ୍ଧବ, ସମ୍ପର୍କୀୟ ଓ ସାହି ପଡ଼ୋଶୀ ତାଙ୍କର ଶେଷ ଦର୍ଶନ କରିବାକୁ ତାଙ୍କ ବାସଭବନରେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ଗ୍ରାମର ଶ୍ମଶାନଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ଓ ତାଙ୍କ ବଡ଼ପୁତ୍ର ରଶ୍ମିରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

## ରୋଷେଇ କାଠର ନିଆଁରୁ ଜଳିଗଲା ହାଣ୍ଡିଶାଳ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଅନୁଗୁଳ (ସବ୍ୟୁ): ରୋଷେଇ କାଠର ନିଆଁରୁ ଜଳିଗଲା ହାଣ୍ଡିଶାଳଛ ଅନୁଗୁଳ ବ୍ଲକ୍ ଅନ୍ତର୍ଗତ ବ୍ଲକ ବଡ଼କନ୍ତିକୁଳ ପଞ୍ଚାୟତର କଂଜା ଗ୍ରାମରେ ଘଟିଛି ଏଭଳି ଅଘଟଣ । ସୂଚନା ଅନୁଯାୟୀ, କଂଜା ଗ୍ରାମର କାର୍ଷିକ ଦେହୁରୀ (୩୨)ଙ୍କର ରୋଷେଇ ଘର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଶୁକ୍ରବାର ଅପରାହ୍ନ ୨ଟାରେ ଚୁଲି କାଠରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିଲା । ନିଆଁ ଲାଗିବା ଜାଣିବା ପରେ ପରିବାର ଲୋକଙ୍କ ପାଟି ଶୁଣି ଗାଁ ଲୋକ ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ କରିଥିଲେ । ଖବର ପାଇ ଅନୁଗୁଳ ଦମକଳ କେନ୍ଦ୍ର ସହ ଯୋଗାଯୋଗ କରାଯାଇଥିଲା । ଖବର ପାଇ ଅନୁଗୁଳ ଦମକଳ ବାହିନୀର ସତ୍ୟଜିତ ବୋଷ, ବିଜୟ ଓଝା, ବାବୁଲ ରାଉତ ଓ ସୌଭାଗ୍ୟ ସାହୁ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ।

# ଏନଟିପିସିର ସଫଳତା ବଖାଣିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ




କଣିହାଁ,(ସବ୍ୟୁ): ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଏନଟିପିସି ଦିପତରଙ୍ଗ ଠାରେ ଆୟୋଜିତ ସମ୍ମିଳନୀରେ ଏନଟିପିସିର କାର୍ଯ୍ୟ ନିର୍ବା**ହୀ** ନିର୍ଦ୍ଦେଶକ ଆଶୋକ କୁମାର ସେହଗଲ ଯୋଗଦେଇ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିବା ପରିପ୍ରେକ୍ଷୀରେ ଏନଟିପିସିର ସଫଳତା ବଖାଣି ଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ସେହଗଲ, ଅନ୍ୟ ବରିଷ୍ଠ ଅଧିକାରୀମାଙ୍କ ଉପସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଏକ ଉତ୍ସାହପୂର୍ଣ୍ଣ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଯାହା ଗଣମାଧ୍ୟମ ଏବଂ ଏନଟିପିସି କଣିହାଁ ମଧ୍ୟରେ ଏକ ଫଳପ୍ରଦ ଆଲୋଚନାକୁ ସହଜ କରିଥିଲା । ଏଚଆର ମୁଖ୍ୟ ନବନିତକୁମାର ସ୍ୱା**ଗତ** କରିବା ପରିପ୍ରେକ୍ଷୀରେ ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ ସମ୍ବୋଧିତ କରି ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମିଳନୀରେ କାର୍ଯ୍ୟ ନିର୍ବା**ହୀ** ନିର୍ଦ୍ଦେଶକ ଏବଂ ଜିଏମ(ଓଆଣ୍ଡଏମ) ସତ୍ୟରାମ କୃଷ୍ଣ, ଏଜିଏମ(ପ୍ରୋଜେକ୍ଟ) ଶତ୍ରୁଘ୍ନ ବେହେରା , ଏଜିଏମ (ଟିଏସ) ସମର୍ପିତା ଦେୱାସି ପ୍ରମୁଖ ଯୋଗଦେଇ ଏନଟିପିସିର ସମ୍ପ୍ରଦାୟର ବିକାଶ କାର୍ଯ୍ୟକଳାପ, ପାଉଁଶ ନିୟନ୍ତ୍ରଣ, ଏଫଜିଡି ଏବଂ ଭବିଷ୍ୟତର ପ୍ରୟାସ ସହିତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ । ସମ୍ମିଳନୀ ରେ ଏଜିଏମ(ଏଚଆର) ସୃଜିତା ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପିଆରଓ ଶାନ୍ତି ଲାକ୍ରା ସଂଯୋଜନା କରିଥିଲେ । ସମ୍ମିଳନୀରେ ଏନଟିପିସିର ବରିଷ୍ଠ ଅଧିକାରୀ , ବିଭିନ୍ନ ୟୁନିୟନର ପ୍ରତିନିଧି, କର୍ମଚାରୀ ଉପସ୍ଥିତ ଥିଲେ ।

## ପୁରୀ ରଥଯାତ୍ରା ପାଇଁ

# ପରଜଙ୍ଗ ଅଞ୍ଚଳରୁ ଗଲା ୧୪୦ ସିଫ୍ଟ ଫାସି କାଠ



ପରଜଙ୍ଗ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରୁ ପୁରୀ ରଥଯାତ୍ରାରେ ରଥ ନିର୍ମାଣ ପାଇଁ ୧୪୦ସିଫ୍ଟ ଫାଶୀ କାଠ ପୁରୀ ରଥ ଖଳାକୁ ପଠାଯାଇଥିବାର ଜଣାପଡିଛି। ଢେଙ୍କାନାଳ ବନଖଣ୍ଡ ପଶ୍ଚିମାଞ୍ଚଳ ମହାବିରୋଡ଼ ରେଞ୍ଜ ଅଧୀନରେ ଥିବା ଡିହଡୋଳ ବନପାଳଙ୍କ କନ୍ଦରସିଂହା ଓ କୁମୁସୀ ଗ୍ରାମରୁ ୧୪ଫୁଟ ଲମ୍ବର ୧୧ଗୋଟି ଫାଶୀ କାଠ ଖଣ୍ଡ ଟ୍ରକ ଯୋଗେ ପୁରୀ ପଠାଯାଇଥିବା ଜଣାପଡିଛି। ଖବର ନେବାରୁ ଜଣାଯାଏ ଯେ ଡିହଡୋଳ ବନପାଳ ସତ୍ୟବ୍ରତ ସିଂହଙ୍କ ଅଧୀନରେ ଥିବା କନ୍ଦରସିଂହା ଗ୍ରାମର ଜଗଦିଶ ବିଶ୍ୱାଳଙ୍କ ଘର ବାଡ଼ିରେ ଥିବା ପାଞ୍ଚଗୋଟି ଫାସୀ ଗଛକୁ ପୁରୀ ଜଗନ୍ନାଥଙ୍କର ରଥ ନିର୍ମାଣ ପାଇଁ ଉତ୍ସର୍ଗ କରିବେ ବୋଲି ଆଗରୁ ଲିଖିତ ଭାବେ ଜିଲ୍ଲା ଫରେଷ୍ଟ ଅଧିକାରୀଙ୍କୁ ଜଣାଇଥିଲେ । ସେହିପରି କୁମୁସୀ ଗ୍ରାମର ମାଳତୀ ପାଣି ୬ଗୋଟି ଫାସୀ ଗଛ ପୁରୀ ରଥ ନିର୍ମାଣ ପାଇଁ ଉତ୍ସର୍ଗ କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ । ପ୍ରଭୁଙ୍କର ସେହି ରଥ କାଠ ଗୁଡିକୁ ନେବା ପାଇଁ ନିର୍ଦ୍ଦେଶ ମିଳିବା ପରେ ଡ଼ିଏଫଓଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମାଞ୍ଚଳ ରେଞ୍ଜର ହରେଶ କିଷାନ ଡିହଡୋଳ ବନପାଳ ଓ ସତ୍ୟବ୍ରତ ସିଂହ କୁମୁସୀ ଓ କନ୍ଦରସିଂହା ଗ୍ରାମରେ ପହଞ୍ଚି ଯଥା ବିଧିରେ ଶୋଡଷ ଉପଚାରରେ ପୂଜା ବିଧି କରାଇ ହରିବୋଲ, ହୁଳହୁଳି ଓ ନାମସଂକୀର୍ତନ କରାଇ ଗଛ ଗୁଡିକୁ କଟା ଯାଇଥିଲା ।ପ୍ରଥମେ କନ୍ଦରସିଂହା ଉପରସାହି ହାଇସ୍କୁଲ ଛକ ନିକଟରେ ଥିବା ଜଗଦୀଶ ବିଶ୍ୱାଳଙ୍କ ବାଡିରୁ ଯଥାବିଧି ପୂଜାର୍ଚ୍ଚନା କରାଇ ନାମସଂକୀର୍ତନ କରି ଜେସିବି ମେସିନ ଦ୍ୱାରା ୧୪ ଫୁଟ ଲମ୍ବର ବିଭିନ୍ନ ସାଇଜ ୫ଫୁଟ, ୪ଫୁଟ, ମୋଟର ୬୧ସିଫ୍ଟ କାଠ ଟ୍ରକରେ ଲୋଡ଼ କରାଯାଇଥିଲା । ସେଠାରୁ ହରିବୋଲ, ହୁଳହୁଳି ଓ ନାମସଂକୀର୍ତନ କରି କୁମୁସୀ ଗ୍ରାମରେ ପହଞ୍ଚିଥିଲେ। କୁମୁସୀ ଗ୍ରାମରେ ପୂଜାର୍ଚ୍ଚନା କରାଇ ମାଳତୀ ପାଣିଙ୍କ ବାଡ଼ିରେ ଥିବା ୬ଗୋଟି ଫାସୀ ଗଛ ୧୪ଫୁଟ ଲମ୍ବ ଓ ବିଭିନ୍ନ ମୋଟା ୪ଫୁଟ, ୩ଫୁଟ, ୫ଫୁଟ ଗୋଲେଇର ୭୯ସିଫ୍ଟ କାଠ ଗଣ୍ଡିକୁ ଜେସିପି ସାହାଯ୍ୟରେ ଟ୍ରକରେ ଲୋଡ଼ କରିବା ସହ ନାମସଂକୀର୍ତନ ଓ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା । ଦୁଇ ଗ୍ରାମରୁ ମୋଟ ୧୧ଟି ଲଗ ୧୪୦ସିଫ୍ଟ ଫାସୀ କାଠକୁ ନେଇ ଟ୍ରକଟି ପୁରୀ ରଥଯାତ୍ରା ପାଇଁ ବନବିଭାଗ ତରଫରୁ ପଠାଯାଇଛି।

# ପବିତ୍ର ମୋହନ ପ୍ରଧାନ ମେଡିକାଲ୍‌ରେ ରୋଗୀ ସେବା ଆରମ୍ଭ ଦାବିରେ ଗଣବିକ୍ଷୋଭ



ତାଳଚେର,(ସବ୍ୟୁ) :ତାଳଚେର ଠାରେ ଥିବା ପବିତ୍ର ମୋହନ ପ୍ରଧାନ ମେଡିକାଲକୁ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ଏଣ୍ଡ ହସପିଟାଲ୍ ର ଟିଚିଙ୍ଗ ହସପିଟାଲ୍ କରି ତୁରନ୍ତ ରୋଗୀ ସେବା ଆରମ୍ଭ କରିବା ଦାବୀରେ ଶୁକ୍ରବାର ଅପରାହ୍ନରେ ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେର ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ତାଳଚେର ଉପଖଣ୍ଡର ଜନସାଧାରଣ କୋଇଲା ଖଣି ଓ ଶିଳ୍ପ ଦ୍ୱାରା ହେଉଥିବା ବିଷ ବଳୟରେ ଜର୍ଜରିତ ହୋଇ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି । କିନ୍ତୁ ଓଡିଶା ରାଜ୍ୟ ସରକାର ତାଳଚେରସ୍ଥ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ଏଣ୍ଡ ହସପିଟାଲ୍ ର ଟିଚିଙ୍ଗ ହସପିଟାଲ୍ ଭାବେ ଅନୁଗୋଳ ଜିଲ୍ଲା ମେଡିକାଲ୍ କୁ ଟିଚିଙ୍ଗ ହସପିଟାଲ୍ କରି ନିଯୁକ୍ତ ୬୦ ଜଣ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଦ୍ୱାରା ରୋଗୀ ସେବା କରିବା ଫଳରେ ତାଳଚେର ଉପଖଣ୍ଡର ଜନସାଧାରଣଙ୍କୁ ଚିକିତ୍ସା ପାଇବାରୁ ବଂଚିତ କରାଯାଇଛି ବୋଲି ବିକ୍ଷୋଭକାରୀ ମାନେ ଅଭିଯୋଗ କରିଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ତାଙ୍କର ନିଷ୍ପତି ପରିବର୍ତନ କରି ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କୁ ତାଳଚେରସ୍ଥ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ଏଣ୍ଡ ହସପିଟାଲ୍ ର ଟିଚିଙ୍ଗ ହସପିଟାଲ୍ କରି ତୁରନ୍ତ ରୋଗୀ ସେବା କରିବାର ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗର ସୁବ୍ୟବସ୍ଥା କରିବା ନିମନ୍ତେ ବିକ୍ଷୋଭକାରୀମାନେ ଦାବୀ କରିଥିଲେ । ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଆବାହକ ପଦ୍ମ ଚରଣ ସାମଲ, କେଶବ ଭୂତିଆ, ବିନୋଦ ଲାଲ୍, ଦିଗାମ୍ବର ଗଡନାୟକ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଚୈତନ୍ୟ ପ୍ରଧାନ, କୈଳାସ ସାହୁ, ମନୋଜ କୁମାର ଜେନା, ସୁକାନ୍ତ କୁମାର ଦାସ, ଶୋଭାଗିନୀ ଦେବୀ, ସୁରେଶ ପଟ୍ଟନାୟକ, ଜମ୍ମେଶ୍ୱର ପଟ୍ଟନାୟକ, କାହ୍ନୁ ଚରଣ ସାହୁ, ପରମାନନ୍ଦ ସାହୁ, ବଳରାମ କୁଣ୍ଡ, ଡିଲେଶ୍ୱର ବେହେରା, ଜୟସେନ୍ ମେହେର, ବିଜୟ ମିଶ୍ର, ଦୀପେନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, ପ୍ରେମାନନ୍ଦ ମହାନ୍ତି, ପ୍ରଗତି ନାୟକ, ସଞ୍ଜୟ ଦାସଙ୍କ ସମେତ ଶତାଧିକ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଦାବୀ ପୂରଣ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧାରାବାହିକ ଭାବେ ଆନ୍ଦୋଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଘୋଷଣା କରାଯାଇଛି ।

# ପ୍ରଲୋଭନ ଦେଖାଇ ଆଦିବାସୀଙ୍କୁ ଧର୍ମାନ୍ତରୀକରଣ : ୧୪ରୁ ଉର୍ଦ୍ଧ୍ୱ ଅଟକ



ବେତନଟୀ, (ସବ୍ୟୁ) : ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ନୀରିହ ଆଦିବାସୀମାନଙ୍କୁ କରାଯାଉଛି ଧର୍ମାନ୍ତରୀକରଣ । ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ମେର୍ଦ୍ଦା ନୁଆଗାଁ ଗ୍ରାମରେ ସାମ୍ନାକୁ ଆସିଲା ଧର୍ମାନ୍ତରୀକରଣ ଭଳି ସଙ୍ଗିନ ଅଭିଯୋଗ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହି ଘଟଣାକୁ ବିରୋଧ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲାରେ ଏହି ଭଳି ଧର୍ମାନ୍ତରୀକରଣ ଘଟଣା ଦିନକୁ ଦିନ ବଢି ବଢି ଚାଲିଥିବା ବେଳେ ଏହାର ସ୍ୱତନ୍ତ୍ର ଭାବେ ଶିକାର ହେଉଛନ୍ତି ନୀରିହ ଆଦିବାସୀ ସମ୍ପ୍ରଦାୟ ଏଭଳି ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ଅଭିଯୋଗ ମୁତାବକ ବାଲେଶ୍ୱର ଜିଲ୍ଲାରୁ ୧୪ ଜଣ ରୁ ଅଧିକ ଖ୍ରୀଷ୍ଟିୟାନ୍ ଧର୍ମର ଲୋକ ଶୁକ୍ରବାର ଦିନ ମେର୍ଦ୍ଦାନୂଆଗାଁ ଅଞ୍ଚଳର ଆଦିବାସୀ ସାହିରେ ପହଞ୍ଚି ସେଠାରେ ଧର୍ମସେବା କରିବା ସହିତ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଲୋକଙ୍କୁ ବୁଝାଉଥିଲେ ଏବଂ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କଲେ ସେମାନଙ୍କୁ କୌଣସି ରୋଗ ହେବନି ଏବଂ ସେମାନଙ୍କୁ ବିଭିନ୍ନ ପ୍ରକାରର ସହାୟତା ମିଳିବା ନେଇ ମଧ ପ୍ରଲୋଭନ ଦେଖାଉଥିଲେ। ଏହି ଘଟଣା ହେଉଥିବାର ଖବର ପାଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହ ବିଶ୍ୱ ହିନ୍ଦୁ ପରିଷଦ ର ସଦସ୍ୟ ଙ୍କୁ ଖବର ଦେଇଥିଲେ ଏବଂ ଘଟଣା ସ୍ଥଳରେ ଏକାଧିକ ଗ୍ରାମବାସୀ ଏବଂ ବିଶ୍ୱ ହିନ୍ଦୁ ପରିଷଦ ର ସଦସ୍ୟ ମାନେ ପହଞ୍ଚିବା ପରେ ଘଟଣା ସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନା ସୃଷ୍ଟି ହୋଇଥିଲା। ସମସ୍ତେ ମିଶି ଧର୍ମାନ୍ତରୀକରଣ ପାଇଁ ଅଞ୍ଚଳବାସୀଙ୍କୁ ପ୍ରବର୍ତ୍ତାଉଥିବା ଲୋକଙ୍କୁ ଅଟକ ରଖି ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ପୁଲିସ ଉତ୍ତେଜନା ପୂର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଉକ୍ତ ସ୍ୱତନ୍ତ୍ର ଧର୍ମ ଗ୍ରହଣ କରିଥିବା ଏବଂ ଧର୍ମାନ୍ତରୀକରଣ କରାଉଥିବା ୧୪ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବୈଶିଙ୍ଗା ଥାନାକୁ ନେଇ ଆସିଥିଲା ।ବେତନଟୀ ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତୀ ବିଶ୍ୱାଳ ହୋଇଥିବା ଲିଖିତ ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ଥାନାରେ ତଦନ୍ତ ଜାରି ରଖିଥିବା ବେଳେ ମାମଲା ରୁଜୁ ହେବ ବୋଲି ଜଣାଯାଇଛି ।

# ଦନ୍ତା ଆକ୍ରମଣରେ ୪ ଗୁରୁତର

ବେତନଟୀ, (ସବ୍ୟୁ) : ବେତନଟୀ ରେଞ୍ଜ ଅଧୀନ ଦନ୍ତା ଶୁକ୍ରବାର ଅପରାହ୍ନରେ ମାନଗୋବିନ୍ଦପୁର ଗ୍ରାମରେ ପଶି ଉତ୍ପାତ କରିବା ସହିତ ଏକାଧିକ ଘର ଭାଙ୍ଗିଥିଲେ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ଏହି ଦନ୍ତା ହାତୀ ଆକ୍ରମଣରେ ଦୁଜଣ ଯୁବକଙ୍କ ସମେତ ଜଣେ ବୃଦ୍ଧ ଓ ବୃଦ୍ଧା ଗୁରୁତର ହୋଇ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାଯାଇଛି । ଗୁରୁତର ମାନେ ହେଲେ ମାନଗୋବିନ୍ଦପୁର ଗ୍ରାମର ପ୍ରତାପ ମହାପାତ୍ର (୮୫), ଲକ୍ଷ୍ମୀମଣି ପରିଡା (୬୨), ମନୋରଞ୍ଜନ ପରିଡା (୪୫), ତେନ୍ତୁଳିମୁଣ୍ଡା ଗ୍ରାମର କୁନା ସିଂ (୪୦) । ସୂଚନା ଅନୁଯାଇ ଦୀର୍ଘ ଦୁଇ ସପ୍ତାହ ପାଖାପାଖି ବୈଶିଙ୍ଗା ଥାନା ଅଧୀନ କ୍ଷୀରିପଦା ଜଙ୍ଗଲରେ ଡେରା ପକାଇ ରହିଥିବା ତିନିଟିକିଆ ବଣୁଆହାତୀ ଆଗକୁ ଅଗ୍ରସର ହେଉନଥିବା ବେଳେ ରାତି ହେଲେ ବୁଢାବଳଙ୍ଗ ନଦୀ ଅବବାହିକାରେ ହୋଇଥିବା ଏକର ଏକର ଜମିର ପରିବାବାଡ଼ିରେ ପଶି ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇ ଚାଲିଛନ୍ତି । ତେବେ ତିନିଟିକିଆ ହାତୀମଧ୍ୟରୁ ଗୋଟିଏ ହାତୀ ଶୁକ୍ରବାର ଅପରାହ୍ନରେ ବୁଢାବଳଙ୍ଗ ନଦୀ ଅତିକ୍ରମ କରି ଜନବସତି ମୁହାଁ ହୋଇଥିଲା । ପରେ ମାନଗୋବିନ୍ଦପୁର ଗ୍ରାମରେ ପଶି ଉତ୍ପାତ ଆରମ୍ଭ କରିଥିଲା । ଉକ୍ତ ଗ୍ରାମର ମନୋରଞ୍ଜନ ପରିଡା, ନିତ୍ୟାନନ୍ଦ ପ୍ରଧାନ, ଅଶୋକ ମହାପାତ୍ରଙ୍କ ଘର ଓ ଫାଟକ ଭାଙ୍ଗିଥିବାବେଳେ ଗ୍ରାମ ଶିବ ମନ୍ଦିର ଫାଟକ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟତ ହୋଉଥିବାବେଳେ ସ୍ଥାନୀୟ ଲୋକଙ୍କ ହୋ ହାଲା ପାଇଁ ବାହାରକୁ ବାହାରି ଆସିଥିଲା । ପରେ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିବା କୁନା ସିଂଙ୍କୁ ରାସ୍ତାରେ ଆକ୍ରମଣ କରିଥିଲା । ସେହିପରି ଲକ୍ଷ୍ମୀମଣି ଗାଧୋଇବାକୁ ନିଜ ଘର ବାରଣ୍ଡାକୁ ବାହାରିଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ, ଅନ୍ୟପଟେ ସେଠି ଥିବା ମନୋରଞ୍ଜନଙ୍କୁ ମଧ ହାତୀ ଆକ୍ରମଣ କରିଥିଲା । ପରେ ଗାଁ ଦାଣ୍ଡରେ ବୁଲି ପ୍ରତାପ ମହାପାତ୍ରଙ୍କ ଘରବାଡ଼ି ପଟୁ ପ୍ରବେଶ କରି ବାରଣ୍ଡାରେ ବସିଥିବା ୮୫ ବର୍ଷୀୟ ବୃଦ୍ଧଙ୍କୁ ଆକ୍ରମଣ କରିଥିଲା ୫ ତେବେ ସମସ୍ତଙ୍କୁ ସ୍ଥାନୀୟ ଲୋକ ବନବିଭାଗ ଗାଡ଼ିରେ ନେଇ ମାଣତ୍ରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ଥିଲେ । ଦୀର୍ଘ ସମୟ ଧରି ଉତ୍ପାତ କରିବା ପରେ ହାତୀଟି ପୁଣି କ୍ଷୀରପଦା ମୁହାଁ ହୋଇଥିବାର ବନବିଭାଗ ସୂଚନା ଦେଇଛନ୍ତି । ବନବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ସମୟରେ ଢୁକୁରା ରେଞ୍ଜ ଅଧିକାରୀ , ବେତନଟୀ ରେଞ୍ଜ ଅଧିକାରୀ ସଦଳବଳ ବଣୁଆ ହାତୀଗୁଡିକର ଗତିବିଧି ଅନୁଧ୍ୟାନ କରୁଥିବାବେଳେ ଖବର ପାଇ ଘଟଣାସ୍ଥଳରେ ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଓ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ଗାନ୍ଧି ସ୍ମୃତି ଭବନରେ ବିଶ୍ୱ ନାଟ୍ୟ ଦିବସ ପାଳନ



ବାଲେଶ୍ୱର,(ସବ୍ୟୁ) : ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ କଳାକାର ଦ୍ୱାରା ଗାନ୍ଧି ସ୍ମୃତି ଭବନରେ ସ୍ୱର୍ଗତଃ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ବେତାର ନାଟକ ମହୋଦଧିର ରୂପାନ୍ତରିତ ମଞ୍ଚରୂପ ସୁରଞ୍ଜନ ଦାସମହାପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଯାଇଛି। ମଣିଷ ସବୁବେଳେ ଯାହା କରେ ତା ପାଇଁ କେବଳ ସେହିଁ କାହିଁକି ଉତ୍ତରଦାୟୀ ହେବ? ତାର ପାରିପାର୍ଶ୍ୱିକ ପରିସ୍ଥିତି କାହିଁକି ଦାୟୀ ନୁହେଁ? ଜଣେ ହତ୍ୟାକାରୀର ଏ ପ୍ରକାର ପ୍ରଶ୍ନର ଉତ୍ତର ଖୋଜା ଚାଲେ ନାଟକଟିରେ। ଏଥିରେ ଶ୍ରୀତମ୍ ସିଂହ, ଅଶ୍ୱିନୀ ସ, ଅମରନାଥ ଗୋଚ୍ଛାୟତ, କାଜଲ୍ ପାଣିଗ୍ରାହୀ, ବର୍ଷାରାଣୀ ପଣ୍ଡା ଓ ରାକ୍ଷୀ ଅଭିନୟ କରିଥିବାବେଳେ ଅନିକେତ କାନୁନ୍‌ଗୋ ଆବାହନୀ ସଂଗୀତ ସଂଯୋଜନା କରିଥିଲେ। ନାଟକ ପୂର୍ବରୁ ଆୟୋଜିତ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ଅତିଥି ଭାବରେ ମଞ୍ଚାସୀନ ଥିଲେ ଡାକ୍ତର ପ୍ରଭାତ ଚୌଧୁରୀ, ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀ, ମଂଚ ଆହ୍ୱାନ କରିଥିଲେ ସୁରଞ୍ଜନ ଦାସମହାପାତ୍ର। ଆଶୀଷ ବର୍ଦ୍ଧନ ଆଦ୍ୟସୂଚନା ପ୍ରଦାନ କରିଥିବାବେଳେ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ ଲକ୍ଷ୍ମୀନାରାୟଣ ଘୋଷ। ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ ବିଶ୍ୱ ନାଟ୍ୟ ଦିବସ ବାର୍ତ୍ତା ପଠନ କରିଥିଲେ। କଳାକାର ଓ ଶୋଭା ଅନୁଷ୍ଠାନ ପକ୍ଷରୁ ମଞ୍ଚ ରୂପଶିଳ୍ପୀ ବାସନ୍ତୀ ପାତ୍ର ଏବଂ ଅଭିନେତା, ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହୀରାଲାଲ୍ ଯାଦୁରନ୍ କଲ୍ଚୁରାଲ୍ ଏସୋସିଏସନ୍, ବାରବାଟୀ ପକ୍ଷରୁ ଶ୍ରୀମତୀ ରୀତା ରକ୍ଷିତ୍ ଉଦ୍ଘାଟନୀ ଉତ୍ସବର ନାଟକ କଳାମଲ୍ଲୀରେ ବଳରାମ ଦାସ ଭୂମିକାରେ ନିଖୁଣ ଅଭିନୟ ପାଇଁ କଳାକାରର ଅନିକେତ କାନୁନ୍‌ଗୋଙ୍କୁ ପୁରସ୍କୃତ କରିଥିଲେ। ବାଲେଶ୍ୱରର ଏକ ସ୍ୱୟଂସଂପୂର୍ଣ୍ଣ ପ୍ରେକ୍ଷାଳୟର ଜରୁରୀ ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ।

# ଉପକୂଳରେ ୨ ଯୋଡ଼ା ମୃଦୁ କମ୍ପନ , ଲୋକେ ଭୟଭୀତ

ଭୋଗରାଇ, (ସବ୍ୟୁ) : ମ୍ୟାନମାର ହୋଇଥିବା ପରପର ୨ ଟି ଧ୍ୱଂସୀ ଭୂମିକମ୍ପ ପ୍ରଭାବରେ ଓଡିଶା ସୀମାନ୍ତ ବାଲେଶ୍ୱର ଓ ମୟୁରଭଞ୍ଜଜିଲାରେ ମୃଦୁ କମ୍ପନ ଅନୁଭୂତ ହୋଇଛି।ଏହି ଭୂ କମ୍ପନ ପ୍ରଥମେ ପୂର୍ବାହ୍ନ ୧ ୧ ଟା ୫ ୦ ଓ ୧ ୨ ଟା ୩ ସେକେଣ୍ଡ ମଧ୍ୟରେ ଅନ୍ୟଏ କ ଭୂମିକମ୍ପ ହୋଇଥିଲା ।ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭. ୭ ଓ ୭.୧ ବୋଲି ଭୂବିଜ୍ଞାନିମାନେ ଆକଳନ କରିଥିବାବେଳେ ଏହାର ପ୍ରଭାବ ଉତ୍ତର ପୂର୍ବ ସମେତ ଓଡିଶା ସୀମାନ୍ତରେ ଅନୁଭୂତ ହୋଇଥିଲା। ମଧ୍ୟାହ୍ନ ରେ ବାଲେଶ୍ୱର ଜିଲା ସମେତ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଜିଲାରେ ୧୧ ସେକେଣ୍ଡ ମଧ୍ୟରେ ୨ ଟି ବୋମା ପଡିବା ଭଳି ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା । ଲୋକେ ଭାବିଥିଲେ ଚାନ୍ଦିପୁର କିମ୍ବା କଲେଇକୁଣ୍ଡା ପ୍ରତିରକ୍ଷାବିଭାଗର ଗୋଳାବାରୁଦ ପରୀକ୍ଷା ହେଉଛି । ଏହି ସମୟରେ ଘର ର ପଙ୍ଖା, ଝରକା, ଆସବାବପତ୍ର ପ୍ରଭୃତି ହଲୁଥିବାବେଳେ ଗାଡ଼ିଆ ପୋଖରୀରେ ପାଣି ହଲଚଲ ହେଉଥିବାର ଜାଣି ଲୋକେ ଭୂମିକମ୍ପ ହେଉଛି ବୋଲି ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ ।ହିନ୍ଦୁ ମାନେ ଶଙ୍ଖ ହୁଳହୁଳି ଦେଇଥିବାବେଳେ ସଂଖ୍ୟାଲଘୁମାନେ ମସଜିଦରେ ନମାଜ ପାଠ ଓ ଗୀର୍ଜାରେ ପ୍ରାର୍ଥନା କରିଥିଲେ । ମୃଦୁ କମ୍ପନ ଯୋଗୁଁ ଦୀଘା – ତାଳସାରୀ ସମୁଦ୍ରର ଜୁଆର ୨ ଫୁଟ ଉଚ୍ଚରେ କୂଳ ଆଡକୁ ମାଡିଆସିଥିବାବେଳେ ଖବର ଲେଖାକୁ କୌଣସି ପ୍ରାଣହାନୀ କିମ୍ବା କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ ।

# ଜାମା ମସଜିଦରେ ରମଜାନ ମାସର ଶବେକଦର ପର୍ବ ପାଳିତ

ଭଦ୍ରକ,(ସବ୍ୟୁ):ଭଦ୍ରକର ସମସ୍ତ ମସଜିଦ ସହିତ ପୁରୁଣାବଜାର ସ୍ଥିତ ଜାମା ମସଜିଦରେ ମଧ ଶବେକଦର ପର୍ବ ତଥା ଲଏଲତୁଲ କଦ୍ର ପର୍ବ ପାଳନ ହୋଇଯାଇଛି ଓ ରମଜାନ ମାସର ୨୬ ରୋଜା (ଉପବାସ) ଓ ୨୭ ତରାୱୀ ନମାଜରେ ଶବେକଦର ପର୍ବ ପାଳନ କରାଯାଏ ଓ ଏହି ଶବେକଦରରେ ଇସଲାମ ଧର୍ମର ପବିତ୍ର କୋରାନ ନାଜିଲ ହୋଇଥିଲା ଓ ଏହି ପର୍ବରେ ଭଦ୍ରକର ସମସ୍ତ ମସଜିଦ ଗୁଡିକ ରଙ୍ଗ ବେରଙ୍ଗର ଆଲୋକରେ ସଜା ଯାଇଥିଲା ଓ ରମଜାନର ପ୍ରଥମ ତରାୱୀଠୁ ୨୭ ତରାୱୀ ନମାଜ ପର୍ଯ୍ୟନ୍ତ କୋରାନକୁ ମୁଖସ୍ତ କରିଥିବା ହାଫିଜମାନେ ତରାୱୀ ନମାଜ ପଢ଼ାନ୍ତି ଓ ୨୭ ତରାୱୀରେ ଲୋକେ ନିଜ ନିଜର ଦେୟ (ନଜରାନା)କୁ ମସଜିଦରେ ହାଫିଜ ଓ ମୌଜନଙ୍କୁ ଦେଇଥାନ୍ତି ଓ ଏହି ଶବେକଦର ରାତ୍ରିରେ ଅନିଦ୍ରା ରହି ରାତ୍ରି ତମାମ ନମାଜ ପାଠ କରନ୍ତି ଓ ଜାମା ମସଜିଦ ସରଜମିନ ରେ ମଧ ଶବେକଦରପର୍ବ ଜାମା ମସଜିଦର ସଭାପତି ହାଜି କାସିମ ଖାନଙ୍କ ସଭାପତିତ୍ୱରେ ଓ ସଂଚାଳକ ଭାବେ ଶେଖ ମଇରାଜୁଦ୍ଦିନଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା ଓ ଏଥିରେ ମୁସଲିମ ଜମାତର ବରିଷ୍ଠ ସଭ୍ୟ ହାଜି ଅନୱର ହୋସେନ,ମୁସଲିମ ଜମାତର ସମ୍ପାଦକ ହାଜି ମୁକିତ ଖାନ,ଜାମା ମସଜିଦର ପୂର୍ବତନ ସଭାପତି ହାଜି ଏନାମ ମହମ୍ମଦ,ମସଜିଦ କମିଟିର ସଭାପତି,ସମ୍ପାଦକ ଶେଖ ହାଫିଜୁଲ୍ଲା ଏବଂ ବରିଷ୍ଠ ସଭ୍ୟମାନେ ମସଜିଦର ହାଫିଜ ଓ ମୌଜନଙ୍କୁ ମସଜିଦରେ ଉଠିଥିବା ଅର୍ଥରାଶିକୁ ଉପହାର ଦେଇଥିଲେ ଓ ସମସ୍ତଙ୍କ ଉପସ୍ଥିତରେ ଜାମା ମସଜିଦର ସଭାପତି ମସଜିଦର ଆୟ ଓ ବ୍ୟୟ (ଫେବୃରାରୀ /୨୦୨୫) ପର୍ଯ୍ୟନ୍ତର ହିସାବ ସର୍ବସାଧାରଣରେ ପ୍ରକାଶ କରିଥିଲେ ଓ ଏହି ତରାୱୀ ନମାଜରେ ଛୋଟ ଛୋଟ ୫ଜଣ ପିଲାଙ୍କୁ ମିର୍ଜା ଜାୱେଦଙ୍କ ତରଫରୁ ଇମାମ ସାହେବଙ୍କ ହସ୍ତରେ ପ୍ରଦାନ କରାଯାଇଥିଲା। ଏହା ଛଡ଼ା କମିଟି ତରଫରୁ ମସଜିଦରେ ଅଏତେକାଫରେ ବସିଥିବା ୭ଜଣଙ୍କୁ ଓ ମସଜିଦର ବର୍ଷ ସାରା ସଫେଇ କାର୍ଯ୍ୟ କରୁଥିବା ୨୦ଜଣଙ୍କୁ ମଧ ଉପହାର ପ୍ରଦାନ କରାଯାଇଥିଲା । କମିଟିର ଅବଦୁଲ ରହେମାନ,ଶେଖ ଇଲୟାସ,ମୁସଲିମ ଖାନ,ଶେଖ ଅନୱର (ବାବୁ),ଶେଖ ଇମତିୟାଜ,ବୁଦ୍ଧିଆ ରହେମାନ,ଗୁଲ ମହମ୍ମଦ ଖାନ,ଶେଖ ନିୟାଜ,ଅନୱାର ସାହା,ମୀର ମହେବୁବ ପ୍ରମୁଖ ଉପସ୍ଥିତ ରହି ଶବେକଦର ପର୍ବକୁ ପରିଚାଳନା କରିଥିଲେ ଏବଂ ପରିଶେଷରେ ଫାତେହା (ପ୍ରସାଦ) କରି ସର୍ବସାଧାରଣରେ ବଣ୍ଟନ ହୋଇଥିଲା।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାହାନଗା,(ସବ୍ୟୁ) : ପ୍ରାତଃ ଭ୍ରମଣ ଯାଇଥିବା ବେଳେ ଟ୍ରକ ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଖନ୍ତାପଡ଼ା ଥାନା ପଣପଣା ପଞ୍ଚାୟତ ନୂଆପଡ଼ା ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ଜେନାଙ୍କ ପୁତ୍ର ବିଜୟ ଜେନା (୨୮) ବୋଲି ଜଣା ପଡ଼ିଛି। ଶୁକ୍ରବାର ସକାଳ ସମୟରେ ବିଜୟ ଜେନା (୨୮) ପ୍ରାତଃ ଭ୍ରମଣ ସମୟରେ ବାହାନଗା ଆଡୁ ନିଜ ଘରକୁ ଫେରୁଥିବା ସମୟରେ ପଣପଣା ନିକଟସ୍ଥ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଆଗରେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଫଳରେ ବିଜୟ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ବିଜୟଙ୍କ ମୃତ୍ୟୁ ଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଘଟଣା ସ୍ଥଳରେ ଖନ୍ତାପଡ଼ା ପୁଲିସ ତଦନ୍ତ ଚଳାଇଛି।ଏ ନେଇ ପୋଲିସ କେଶ ନଂ ୮୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଚନ୍ଦନେଶ୍ୱର ମହାଦେବଙ୍କ ଆୟର ଉତ୍ସ ନିଲାମ ସ୍ଥଗିତ

ଭୋଗରାଇ,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇବ୍ଲକ ଅଧୀନ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡକ ମେଳା ଚଳିତ ମାସ ୩ ୧ରୁ ଶୁଭାରମ୍ଭ ହେଉଥିବାବେଳେ ଜିଲ୍ଲା ପ୍ରଶାସନ, ଟ୍ରଷ୍ଟ ବୋର୍ଡ ଓ ସେବାୟତମାନଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଶେଷ ପର୍ଯ୍ୟାୟରେ ତତ୍ପରତା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଶୁକ୍ରବାର ମଧ୍ୟାହ୍ନ ୧୧ଟାରେ ଚନ୍ଦନେଶ୍ୱର ମହାଦେବଙ୍କ ପରିସରରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାରୀ ଅଧିକାରୀ ତଥା ତହସିଲଦାର ସୂର୍ଯ୍ୟ କୁମାର ନାୟକ, ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧ ଦେବ ପଣ୍ଡା ସମେତ ସମସ୍ତ ସେବାୟତ, ତାଳସାରୀ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଶ୍ରଦ୍ଧାଳୁ ଓ ରାଜନେତାମାନେ ଉପସ୍ଥିତ ହୋଇ ମହାଦେବଙ୍କ ବର୍ଷ ଆୟର ଉତ୍ସ ଭାବେ ଗାଡି ପାର୍କିଂ, ବଜାର, ଜୋତାଷ୍ଟେଣ୍ଡ ଓ ହାକାଣ୍ଡ ପୋଖରୀ ୪ଟି ଉତ୍ସ ନିଲାମ ହେବାକୁ ଏଜେଣ୍ଡା ତହସିଲଦାର ପଠନ କରୁଥିବାବେଳେ ଭାଜପା ନେତା ଦିଲ୍ଲୀପ କାମିଳା ସମେତ କେତେକ ଭାଜପା କର୍ମୀମାନେ ବିବାଦୀୟ ପ୍ରଶ୍ନ କରିବାରୁ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସମେତ ସେବାୟତ ମାନେ ମିଳିତଭାବେ ପ୍ରତିବାଦ କରିବାରୁ ଉଭୟ ପକ୍ଷରୁ ଦୀର୍ଘ ସମୟ କଥା କଟାକଟି, ଆରୋପ ଓ ପ୍ରତ୍ୟାରୋପ ହେବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏଥିରେ ୨ ପକ୍ଷ ମୁହାଁମୁହିଁ ହୋଇଥିଲେ । ସ୍ଥିତି କ୍ରମଶଃ ଅଶାନ୍ତ ହେଉଥିବାବେଳେ ତାଳସାରୀ ମେରାଇନ ଥାନାଧିକାରିଣୀ ଉଭୟ ପକ୍ଷଙ୍କୁ ଶାନ୍ତ ରହିବାକୁ ଉଦ୍ୟମ କରୁଥିବାବେଳେ ତହସିଲଦାର ନିଲାମ ଉତ୍ସକୁ ଶୁକ୍ରବାର ସ୍ଥଗିତ ରଖିବାକୁ ଘୋଷଣା କଲାପରେ ଉଭୟପକ୍ଷ ଚନ୍ଦନେଶ୍ୱରଙ୍କ ନାମରେ ଧ୍ୱନୀ ଦେଇ ସେଠାରୁ ଫେରିଥିଲେ ।

# ବାଳିକା ହାଇସ୍କୁଲ୍ ଛାତ୍ରୀଙ୍କ ସଫଳତା

ଆଗରପଡ଼ା,(ସବ୍ୟୁ):ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଗତ ଡିସେମ୍ବର ମାସ ୧୫ ତାରିଖରେ ହୋଇଥିବା ଜାତୀୟ ଆୟଭିତ୍ତିକ ମେଧାବୃତ୍ତି (ଏନଏମଏମଏସ) ପରୀକ୍ଷାରେ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ୍ ୧୨ଜଣ ଛାତ୍ରୀ ସଫଳତା ଲାଭ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏଥିସହିତ ଏହି ହାଇସ୍କୁଲ ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ସର୍ବୋଚ୍ଚ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାରିଣୀ ହୋଇଛନ୍ତି। ବାଳିକା ହାଇସ୍କୁଲ୍ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ୍ ରାଉଳ,ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ,ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ,ଭୀମସେନ ପାଳ,ବନଜିନୀ ନାୟକ,ଭାଗ୍ୟଶ୍ରୀ ପଣ୍ଡା,କୈଳାସ ପଣ୍ଡା,ସାଗରୀକା ମହାନ୍ତି,ସାବିତ୍ରୀ ଦାଶ,ପ୍ରମୋଦିନୀ ସାହୁ,ରଂଜିତା ଶିଅଳ,ବିଦ୍ୟୁତଲତା ଦାସ,ସୁଶାନ୍ତ ଜେନା,ଇତିଶ୍ରୀ ସାହୁ ପ୍ରମୁଖ ଶିକ୍ଷୟତ୍ରୀ,ଶିକ୍ଷକମାନେ କୃତୀ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଡ. ମହତାବ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ଡିଗ୍ରୀ ମହାବିଦ୍ୟାଳୟରେ ୮ଦିନଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇ ଯାଇଛି । ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିବା ଅବସରରେ ଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ଏହି କୌଶଳକୁ ଉପଯୁକ୍ତ ସମୟରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ଭବିଷ୍ୟତ ପାଇଁ ରକ୍ଷା କବଚ ପାଲଟିବ ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ମାଳତୀଲତା ହାତୀ ସୁଚାରୁ ରୂପେ ସମ୍ପାଦନ କରିବା ସହିତ ପ୍ରଶିକ୍ଷିକା ମନୋରମା ରଉତ,ଅଧ୍ୟାପିକା କବିତା ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ତାଲିମପ୍ରାପ୍ତ ୧୪୬ଛାତ୍ରୀଙ୍କୁ ତିନୋଟି ଗ୍ରୁପରେ ପ୍ରମାଣପତ୍ର ବିତରଣ କରାଯାଇଥିଲା ।

# ସ୍ମାର୍ଟ ମିଟରକୁ ବିରୋଧ ଜାରି ରହିବ

ବାଲେଶ୍ୱର ,(ସବ୍ୟୁ) : ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଦର ବଢ଼ିବ ନାହିଁ ବୋଲି ଯେଉଁ ନିଷ୍ପତ୍ତି ବିଦ୍ୟୁତ ନିୟାମକ ଆୟୋଗ ଘୋଷଣା କରିଛନ୍ତି, ତାକୁ ଉତ୍ତର ଓଡିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ମାତ୍ର ସ୍ମାର୍ଟ ମିଟର ବସାଇବାକୁ ନିୟାମକ ଆୟୋଗଙ୍କ ଦୃଢ଼ୋକ୍ତି ଦୁର୍ଭାଗ୍ୟଜନକ ଏବଂ ଗ୍ରାହକ ସ୍ୱାର୍ଥବିରୋଧୀ। ସ୍ମାର୍ଟ ମିଟର ବସାଇବା ସପକ୍ଷରେ ଉପଭୋକ୍ତାମାନଙ୍କ ଅନୁମୋଦନ ହାସଲ ଲକ୍ଷ୍ୟରେ ଦୁଇ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଥିବା ଗ୍ରାହକଙ୍କ ପାଖରୁ ଏହି ମିଟର ସଂଯୋଗ ପାଇଁ ଦେୟ ଆଦାୟ କରାଯିବ ନାହିଁ ବୋଲି ଘୋଷଣା କରାଯାଇଛି। ମିଟର ବସାଇବା ବାବଦ ଦେୟ ଛାଡ଼କରି ମିଟର ବସାଯିବା ପରେ ଗ୍ରାହକମାନଙ୍କୁ ଲୁଟି ନିଆଯିବ। ଏହି ପ୍ରତାରଣା ଓ ଲୁଟର ଶିକାର ନ ହୋଇ ସ୍ମାର୍ଟ ମିଟରକୁ ବିରୋଧ କରିବାକୁ ଉପଭୋକ୍ତାମାନେ ଆଗେଇ ଆସିବାକୁ ଉତ୍ତର ଓଡିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ଆହ୍ୱାନ ଜଣାଉଛି। ସ୍ମାର୍ଟ ମିଟର ବସାଇବାକୁ ଟାଟା ପାୱାର ଅଗ୍ରସର ହେଲେ ତାହାର ତୀବ୍ର ବିରୋଧ କରାଯିବ ବୋଲି କମ୍ପାନୀ ଓ ଡବଲ ଇଞ୍ଜିନ ସରକାରକୁ ଉତ୍ତର ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ପକ୍ଷରୁ ଆବାହକ ସନ୍ତୋଷ ଦାସ, ନିର୍ମଳ ନାୟକ, ଶିଶିର ହୁଇ, ଭାଗବତ ପ୍ରତିହାରୀ, ଶାନ୍ତନୁ ଦାସ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏକ ମିଳିତ ଇସ୍ତାହାରରେ ଚେତାବନୀ ଦେଇଛନ୍ତି।

# ଆଗରପଡ଼ା-ବରପଦା ରାସ୍ତା ଶୋଚନୀୟ

ଆଗରପଡ଼ା,(ସବ୍ୟୁ):ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତବହୁଳ ଆଗରପଡ଼ା-ବରପଦା ରାସ୍ତା ଦୀର୍ଘ ବର୍ଷ ଧରି ଖରାପ ହୋଇ ପଡ଼ିଥିଲେ ସୁଦ୍ଧା ଏହାର ସ୍ଥାୟୀ ମରାମତି ପାଇଁ କାହାର ଦୃଷ୍ଟି ପଡ଼ିପାରୁନାହିଁ। ସରକାର ବଦଳୁଛି,ଜନପ୍ରତିନିଧିମାନେ ବଦଳୁଛନ୍ତି ଅଥଚ ଏହି ରାସ୍ତାର ଭାଗ୍ୟ ବଦଳାଇବା ପାଇଁ କାହାର ଆଗ୍ରହ ପ୍ରକାଶ ପାଉନାହିଁ। ଖାଲଖମା ଭର୍ତ୍ତି ରାସ୍ତାରେ ଯାଇ ଲୋକେ ପଡ଼ି ଖଣ୍ଡିଆ ଖାବରା ହୋଇ ମେଡିକାଲ ଯାଉଛନ୍ତି ପୁଣି ଏହି ରାସ୍ତାରେ ପ୍ରତିଦିନ ଦୁର୍ଘଟଣାମାନ ମଧ ଘଟୁଛି। ଏହି ରାସ୍ତା ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ସହ ବ୍ଲକକୁ ସଂଯୋଗୀକରଣ କରୁଥିବାରୁ ପ୍ରତିଦିନ ଶତାଧିକ ଲୋକ ଯାତାୟତ କରୁଛନ୍ତି। ଏଥିପାଇଁ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ବସ ସମେତ ଅନ୍ୟାନ୍ୟ ଗାଡ଼ିମଟର ମଧ ଚଳାଚଳ କରୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି।

# ଶତାଧିକ ନକଲି ସିମ୍ ବିକ୍ରି : ୨ ଗିରଫ

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳର ଦୁଇ ଯୁବକଙ୍କୁ ସାଇବର ପୋଲିସ ଶତାଧିକ ନକଲି ସିମ୍ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ଯୁବକ ପାଟଣା ଥାନା ସାହାରପଡ଼ା ଅଞ୍ଚଳର ଧୀରଜ ମହାନ୍ତ ଓ କପୁଣ୍ଡି ଗ୍ରାମର ଲଳିତ ମହାନ୍ତ ବଲି ଜଣାପଡିଛି। ଗତ ୪ ଦିନ ହେବ ସାଇବର ପୋଲିସ ପାଟଣା ଅଞ୍ଚଳରେ ନକଲି ସିମ୍ ବିକ୍ରି ଅଭିଯୋଗର ତନାଘନା କରି ଆସୁଥିବା ବେଳେ ଗୁରୁବାର ଦିନ ଦୁଇ ଜଣଙ୍କୁ ଶତାଧିକ ସିମ କାର୍ଡ ବିଭିନ୍ନ ଲୋକଙ୍କ ନାମରେ କରାଇ ବାହାର ରାଜ୍ୟକୁ ପଠାଉଥିଲେ । ସାଇବର ଥାନା ପୋଲିସ ସିମ ବିକ୍ରୀ କରିଥବା ସୂଚନା ପାଇ ଉଭୟ ଦୁଇ ଜଣଙ୍କୁ ଉଠାଇନେଇଥିଲା। ପରେ ଏହି ଘଟଣା ର ତଦନ୍ତ ପରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ।

# ଦାଣ୍ଡକୂଳ-ତିଖିଲିଆରେ ବିପୁଳ ବାଲିଚୋରି, ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ-ତିଖିଲିଆରେ ହେଉଥିବା ବିପୁଳ ବାଲିଚୋରି ଉପରେ ଅଙ୍କୁଶ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ଉଭୟ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି ଦାଣ୍ଡକୂଳ-ତିଖିଲିଆ ମଧଦେଇ ପ୍ରବାହିତ ହେଉଛି। ବୈତରଣୀ ନଦୀ ଶଯ୍ୟା ଓ ପୋତିହୋଇ ପଡିଥିବା ଗେଙ୍ଗୁଟି ନଦୀରେ ବିପୁଳ ପରିମାଣର ବାଲି ଗଚ୍ଛିତ ରହିଥିବାରୁ ଓ ଏହି ଅଞ୍ଚଳ ଥାନା ଓ ତହସିଲ ଠାରୁ ବହୁ ଦୂରରେ ଅବସ୍ଥିତ ଅଟେ। ଏହାର ସୁଯୋଗ ନେଇ ବାଲିମାଫିଆମାନେ ୧୦ ଫୁଟ ଗଭୀର ବାଲି ଉଠାଇ ବିକ୍ରି କରି ଲାଭବାନ ହେଉଛନ୍ତି। ଗତ ଫେବୃୟାରୀ ୨୫ ତାରିଖରେ ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ବାଲିଉଠାଇବା ଦଣ୍ଡନୀୟ ଅପରାଧ ଫଳକ ଲଗାଇ ଫେରିଯାଇଥିଲା। ହେଲେ ଏହାର ସାମାନ୍ୟତମ ପ୍ରଭାବ ଚୋରା ବାଲି ଉଠାଣ ଉପରେ ପଡିନଥିଲା। ଚୋରାବାଲି ଉଠାଣ ଓ ଗଚ୍ଛିତ କରି ବେଆଇନ ଚାଲାଣ କରିବା କାର୍ଯ୍ୟ ଅବାଧରେ ମାଫିଆମାନେ ଚଳାଇଛନ୍ତି। ଗତ ଶୁକ୍ରବାର ସବଇନିସପେକ୍ଟର ଇଭାରାଣୀ ପରିଡାଙ୍କ ନେତୃତ୍ୱରେ ପୁଲିସ ଦଳ ଗୋଟିଏ ବେଆଇନ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟର ଧରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି। ଚାଳକ ତିଖିଲିଆ ଗ୍ରାମର ଲକ୍ଷ୍ମୀଧର ନାୟକ(୪୬)ଙ୍କୁ ଥାନାରେ ଅଟକ ରଖିବା ସହ ଏଥିନେଇ ୧୪୬/୨୫ ନମ୍ବର ମାମଲା ରୁଜୁ ହୋଇଛି। ମାତ୍ର ଟ୍ରାକ୍ଟର ମାଲିକଙ୍କ ନାମରେ ମାମଲା ରୁଜୁ ହୋଇନଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରଭାବ ଶୂନ୍ୟ ହୋଇଛି।

# ଉଦାସ ଯମୁନା ଉଚ୍ଚ ବିଦ୍ୟାପୀଠରେ ସ୍ୱାଗତ ସମ୍ବର୍ଦ୍ଧନା



ବାଲେଶ୍ୱର, (ସବ୍ୟୁ) : ରେମୁଣା ବ୍ଲକର ନୂଆଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉଦାସଯମୁନା ଉଚ୍ଚ ବିଦ୍ୟାପୀଠ, ଗଡିଆମାଳରେ ନବନିଯୁକ୍ତ ଶିକ୍ଷୟତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା (ଜୋନ ନଂ ୩୭)କଲ୍ୟାଣୀ ବାରିକ ମୁଖ୍ୟ ଅତିଥି, ନୂଆଗାଁ ସରପଞ୍ଚ ସୁବ୍ରତ ଦାସ ,ସମିତି ସଭ୍ୟ କାର୍ତ୍ତିକେଶ୍ୱର ପାତ୍ର,ପୂର୍ବତନ ପ୍ରଧାନ ଶିକ୍ଷକ ଭାଗବତ ପଣ୍ଡା, ସାମ୍ବାଦିକ ରବି ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା ଓ ଅନୁଶାସନ ସହିତ ଜ୍ଞାନ ଆହରଣର ସ୍ପୃହା ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଜୀବନର ମାର୍ଗକୁ ସୁଗମ କରିବ ବୋଲି କହିଥିଲେ। ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ଅଭାବଜନିତ ସମସ୍ୟା ଲାଗି ରହିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନବ ନିଯୁକ୍ତ ଶିକ୍ଷୟତ୍ରୀ ଇତିଶ୍ରୀ ସଙ୍ଗୀତା ସାହୁ,ଶିବାନୀ ସୋରେନ,ପ୍ରତୀକ୍ଷା ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।ଏହି ଉତ୍ସବ ଓ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟତ୍ରୀ ନିର୍ମଳା ସାହୁ,କର୍ମଚାରୀ କମଳାକାନ୍ତ ଦାସ,ଉଦାସଯମୁନା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ରାଉତଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଜେନା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଟେକ୍ସଟାଇଲ ପାର୍କ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ଇଡକୋ ଇଡି

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ପାହିମହୁରା ଅଧିଗ୍ରହୀତ ଜମିରେ ଟେକ୍ସଟାଇଲ ପାର୍କ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଅନୁଧ୍ୟାନ କରିଛନ୍ତି ଇଡକୋ ଇଡି ସୁରେଶ ଦଳାଇ। ପାର୍କର ଭିତ୍ତିଭୂମି ନିର୍ମାଣ, ଜଳାଶୟ ସମସ୍ୟା ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ସହ ବିଚାର ବିମର୍ଶ କରିଥିବା ଜଣାଯାଇଛି। ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ପ୍ରମୁଖ ଇଡକୋ ଇଡିଙ୍କ ସହ ଅନୁଧ୍ୟାନ କରିଥିଲେ।

# ଯୋଗ ଓ ଦିନଚର୍ଯ୍ୟା ତାଲିମ ଶିବିର

ଆଗରପଡ଼ା,(ସବ୍ୟୁ):ବାଣିତିଆ ପଂଚାୟତ ନାଲଗରା ଆରକେ ଜୀଉ ଉଚ୍ଚ ବିଦ୍ୟାଳୟରେ କିଶୋର ବାଳିକାମାନଙ୍କ ମାନସିକ ଓ ଶାରୀରିକ ସନ୍ତୁଳନ ପାଇଁ ଯୋଗ ଓ ଦିନଚର୍ଯ୍ୟା ସମ୍ବନ୍ଧିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରୀୟା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲା ଯୋଗଗୁରୁ ତଥା ପ୍ରଚାରକ ଧରଣୀଧର କର ଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଦିନଚର୍ଯ୍ୟା ଓ ଜୀବନ ଶୈଳୀ ସମ୍ବନ୍ଧରେ ଡାକ୍ତର ନମିତା ପାଣିଗ୍ରାହୀ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୌମ୍ୟଶ୍ରୀ ଦିୱେଦୀ,ସୌଦାମିନୀ ପଲାର,ଲିଙ୍କନ୍ କୁମାର ଲେଙ୍କା,ପଦ୍ମଲୋଚନ ପଣ୍ଡା,ସୋମନାଥ ସାହୁ,କୌଳାସ ଚନ୍ଦ୍ର ଯେନା,ଚକ୍ରଧର ଯେନା,ସୁଦର୍ଶନ ପାଢୀ,ରବିନ୍ଦ୍ର କୁମାର ଭାରତୀ,ଶଙ୍କର୍ଷଣ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



କରଞ୍ଜିଆ ,(ସବ୍ୟୁ) :କରଞ୍ଜିଆ ପଞ୍ଚାୟତ ସମିତି ସୌଜନ୍ୟରେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ଶୁକ୍ରବାର ଦିନ କରଞ୍ଜିଆ ବ୍ଲକ ସମ୍ମିଳନୀ କକ୍ଷରେ ଆର୍ଥିକ ବର୍ଷ ୨୦୨୪-୨୫ ଦ୍ୱିତୀୟ ଚକ୍ର ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବର ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ, କରଞ୍ଜିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ନାଏକ, ବ୍ଲକ ସାମାଜିକ ସୁରକ୍ଷା ସମିତି ସଦସ୍ୟ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ, ଉମାଶଙ୍କର ଦାସ ଓ କାଳୀ ଚରଣ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏପିଓ ତୁଷାର କାନ୍ତ ମହାନ୍ତ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ଅଡିଟର ପଙ୍କଜ କୁମାର ଗିରି କାର୍ଯ୍ୟ ଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରିଥିଲେ।ସାମାଜିକ ସମୀକ୍ଷା ୧/୪/ ୨୦୨୪ ଠାରୁ ୩୦/୯/୨୦୨୪ ଅବଧି ମଧ୍ୟରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ କାର୍ଯ୍ୟ ସମୁହର ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ବ୍ଲକର ୧୫ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ତଥା ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବିଲା,ଉଗେ,ବାଦପୋଲସା,ନୂଆଣୀ,ମିର୍ଗିଗେଣ୍ଡି, ରସମତଳା,କୁଳିପଶି,ପାଟବିଲ, ସାରଙ୍ଗଗଡ,ଚିତ୍ରପଶି ଓ ଘୋଷଦା ପଞ୍ଚାୟତରେ ମୋଟ ୯୫ ଟି ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ଯେଉଁ କାର୍ଯ୍ୟ ଗୁଡ଼ିକରେ କୌଣସି ପ୍ରକାରର ଅସୁବିଧା ରହିଛି ତାର ସମାଧାନ ୭ ଦିନ ମଧ୍ୟରେ କରିବାକୁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ନିର୍ଦ୍ଦେଶ ଦେଇଥିଲେ।୨୦୨୪-୨୫ ଆର୍ଥିକ ବର୍ଷରେ ବ୍ଲକରେ ମୋଟ୍ ୯୬୭ ଟି କାର୍ଯ୍ୟ ହାତକୁ ନିଆ ହୋଇଥିବା ବେଳେ ୬୧୦ ଟି କାର୍ଯ୍ୟ ସମାପ୍ତ ହୋଇଛି ଏଂ ୩୫୭ ଟି କାର୍ଯ୍ୟ ଅସମାପ୍ତ ରହିଛି। ମୋଟ୍ ୨୮ ଜଣ ଶ୍ରମିକ ୧୦୦ ଦିନ କାଳ କାର୍ଯ୍ୟ କରିଥିବା ସୂଚନା ଦିଆଯାଇଛି।

# ବାଳିକା ଉଚ୍ଚ ବିଦ୍ୟାଳୟ ଚମକପୁର ବାର୍ଷିକ ଉତ୍ସବ



ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡା ନିକଟସ୍ଥ ଚମକପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଗତ ବୁଧବାର ସନ୍ଧ୍ୟାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ. ହରିଶ ଚନ୍ଦ୍ର ବାରିକ ଓ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ସହକାରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ବିଧାୟକ ପ୍ରତିନିଧି ବିମଳ ସେନାପତି, ଶରତ କୁମାର ତ୍ରିପାଠୀ, ପଦ୍ମଲୋଚନ ନନ୍ଦ,ଅବସରପ୍ରାପ୍ତ ବିଇଓ ଭାଗ୍ୟରଥୀ ମହାନ୍ତି,ଏସଏମସି ସଭାପତି ଲାଲମୋହନ ନାଏକ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷୟିତ୍ରୀ ସୁଷମା କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଡିମ୍ପଲ ଦାସ ସଭା ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠି ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷୟିତ୍ରୀ ଲଳିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

